# ୨ ବର୍ଷ ବିତିଲା, ଚାଲିପାରିଲାନି ପାସେଞ୍ଜର ଟ୍ରେନ୍

**ଚଣ୍ଡିଖୋଲ,୧୫ା୭(ଡି.ଏନ୍.ଏ.)**

ବହୁ ଆଶା ଭରସା ନେଇ ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଲଳିତଗିରି, ରତ୍ନଗିରି, ଉଦୟଗିରି, ଓଲାଶୁଣୀ ଓ ଜାତୀୟ ଉଦ୍ୟାନ ଭିତରକନିକାକୁ ବାହାର ରାଜ୍ୟର ପର୍ଯ୍ୟଟକ ଆସିବେ ବୋଲି ସେତେବେଳେ ଘୋଷଣା କରାଯାଇଥିଲା। ତେବେ ଏହାମଧ୍ୟରେ ୨ ବର୍ଷ ହେବ ଏହି ରେଳପଥରେ ମାଲବାହୀ ଟ୍ରେନ୍ ଚଳାଚଳ କରୁଥିଲେ ମଧ୍ୟ ଅଦ୍ୟାବଧି ପାସେଞ୍ଜର ଟ୍ରେନ୍ ଚାଲିପାରିଲା ନାହିଁ। ୨୦୨୦ ଜୁଲାଇ ୩୦ରେ ଏହି ରେଳପଥରେ ପ୍ରଥମ କରି ମାଲବାହୀ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା। ଏହାପରେ ପାସେଞ୍ଜର ଟ୍ରେନ୍ ପ୍ରଥମେ ଚଳାଇବାକୁ ଦାବି କରି ଲୋକେ ରେଳରୋକୋ ଆନ୍ଦୋଳନ ଆରମ୍ଭ କରିଥିଲେ। ଫଳରେ ୭ଦିନ ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ପରେ ପୂର୍ବତଟ ରେଳପଥ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା ଯେ, କରୋନା କଟକଣା ହଟିବା ପରେ ଏହି ରେଳପଥରେ ପାସେଞ୍ଜର ଟ୍ରେନ୍ ଚାଲିବ। ଏହାମଧ୍ୟରେ ପ୍ରତିଶ୍ରୁତିକୁ ୨ ବର୍ଷ ଅତିକ୍ରମ


ହରିଦାସପୁର-ପାରାଦୀପ ରେଳପଥ।

ହୋଇଗଲାଣି। କିନ୍ତୁ ପାସେଞ୍ଜର ଟ୍ରେନ୍ ଚାଲିପାରିନାହିଁ। କେବେ ଚାଲିବ ତାହା ମଧ୍ୟ ଠିକ୍‌ରେ କେହି କହି ପାରୁନାହାନ୍ତି। ୨୦୨୧ରେ କେନ୍ଦ୍ର ସରକାର ରେଳ ବଜେଟ୍‌ରେ ୧୦୦ କୋଟି ଟଙ୍କା ଏହି ରେଳପଥର ଉନ୍ନତି ପାଇଁ ପ୍ରଦାନ କରିଥିଲେ। ଶୀଘ୍ର ୮୨ କିଲୋମିଟର ଅତିକ୍ରମ କରିଥିବା ଏହି ରେଳପଥରେ ବିଭିନ୍ନ ସ୍ଥାନରେ ହୋଇଥିବା ରେଳ ଷ୍ଟେଶନ୍‌ଗୁଡ଼ିକର ଉନ୍ନତୀକରଣ କରାଗଲାପରେ ପାସେଞ୍ଜର ଟ୍ରେନ୍

## ହରିଦାସପୁର-ପାରାଦୀପ ରେଳପଥ

ଚାଲିବ ବୋଲି ସେତେବେଳେ ପୂର୍ବତଟ ରେଳପଥ ଓ ରେଳ ବିକାଶ ନିଗମ ଲିମିଟେଡ୍ ତରଫରୁ କୁହାଯାଇଥିଲା।

ସୂଚନା ଥାଉକି, ଭାରତର ପ୍ରଥମ ଫାଟକ ବିହୀନ ରେଳପଥ ଭାବେ ପରିଗଣିତ ହରିଦାସପୁର-ପାରାଦୀପ ରେଳପଥ ୧୯୯୭ରେ କେନ୍ଦ୍ର ସରକାରଙ୍କ ତରଫରୁ ଘୋଷଣା କରାଯାଇ ଜମି ଅଧିଗ୍ରହଣ କାମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ୨୦୦୭ରେ ଶେଷ ହେବାର ଥିବାବେଳେ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ବିଳମ୍ବ ହୋଇଥିଲା। ୨୦୨୦ ଜୁନ୍‌ରେ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ପ୍ରଥମ କରି ମାଲବାହୀ ଟ୍ରେନ୍ ଚାଲିଲା। ଏହି ରେଳପଥ ପିପିପି ମୋଡ୍‌ରେ ହୋଇଛି, ଯାହାକି ବହୁ ବଡ଼ବଡ଼ କମ୍ପାନୀ ରେଳପଥ ନିର୍ମାଣରେ ଅର୍ଥ ଲଗାଣ କରିଛନ୍ତି। ଉକ୍ତ ରେଳପଥ ମଧ୍ୟରେ ୯ଟି ଷ୍ଟେଶନ୍ ନିର୍ମାଣ କରାଯାଇଛି। ପୂର୍ବରୁ ହରିଦାସପୁର ଷ୍ଟେଶନ ଥିଲାବେଳେ ନୂତନ କରି ଚଣ୍ଡିଖୋଲ, ରତ୍ନଗିରି ରୋଡ୍, ଲଳିତଗିରିରୋଡ୍, ବାଜିପଡ଼ା, କେନ୍ଦ୍ରାପଡ଼ା, ମାର୍ଶାଘାଇ ରୋଡ୍, କଳାଗଡ଼, ନୂଆଗାଁ ଓ ସିଜୁ ଷ୍ଟେଶନ୍ ନିର୍ମାଣ କରାଯାଇଛି। ରେଳ ବିକାଶ ନିଗମ ଲିମିଟେଡ୍ ଏହି ଷ୍ଟେଶନ୍‌ଗୁଡ଼ିକର ଉନ୍ନତୀକରଣ କାର୍ଯ୍ୟ ହାତକୁ ନେଇଛି। ତେବେ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ହେତୁ ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି। ତୁରନ୍ତ ପାସେଞ୍ଜର ଟ୍ରେନ୍ ନ ଚାଲିଲେ ଆଞ୍ଚଳିକ ବିକାଶ ପରିଷଦ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏ ସମ୍ପର୍କରେ ପୂର୍ବତଟ ରେଳପଥର ଲୋକସମ୍ପର୍କ ଅଧିକାରୀ ନିରାକାର ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ଉକ୍ତ ରେଳପଥରେ ଷ୍ଟେଶନଗୁଡ଼ିକର ଆଧୁନିକୀକରଣ କାର୍ଯ୍ୟ ଅଦ୍ୟାବଧି ସରିନାହିଁ। ମାଲବାହୀ ଟ୍ରେନ୍‌ରେ ଯିବାରେ ବିଶେଷ ଅସୁବିଧା ନାହିଁ। ମାତ୍ର ପାସେଞ୍ଜର ଟ୍ରେନ୍ ଯିବାକୁ ହେଲେ ସିଗନାଲ ପଏଣ୍ଟରୁ ଆରମ୍ଭ କରି ଯାତ୍ରୀଙ୍କ ସମସ୍ତ ପ୍ରକାର ସୁବିଧା ଆବଶ୍ୟକ ଅଛି। ତେଣୁ କାର୍ଯ୍ୟ ଶେଷ ହେଲାପରେ ପାସେଞ୍ଜର ଟ୍ରେନ୍ ଚାଲିବ ବୋଲି ସେ ମତ ରଖିଛନ୍ତି।

## ସଂକ୍ଷେପରେ

### ଖରସ୍ରୋତାରେ ନିଖୋଜ ଯୁବକଙ୍କ ମୃତଦେହ ଠାବ

**ବିଞ୍ଝାରପୁର,୧୫ା୭(ଡି.ଏନ.ଏ.):** ଖରସ୍ରୋତାନଦୀକୁ ଗୁରୁବାର ମଧ୍ୟାହ୍ନରେ ଗାଧୋଇବାକୁ ଯାଇ ନିଖୋଜ ଥିବା ଯୁବକଙ୍କ ମୃତଦେହ ଶୁକ୍ରବାର ଅପରାହ୍ନରେ ଗୁଡିଆସାହି ନିକଟରୁ ଠାବ କରାଯାଇଛି। ଗୁଡିଆସାହି ନିକଟସ୍ଥ ଖରସ୍ରୋତାଘାଟରେ ମୃତଦେହ ଭାସୁଥିବା ସ୍ଥାନୀୟ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ବିଞ୍ଝାରପୁର ପୋଲିସ ପହଞ୍ଚି ମୃତଦେହଟି ନିଖୋଜ ବିଶ୍ୱଜିତଙ୍କର ବୋଲି ଚିହ୍ନଟ କରିଥିଲା। ପରେ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୨୧/୨୨ ରୁଜୁ ହୋଇଛି। ପ୍ରକାଶଥାଉକି, କଏଣା-ରଘୁନାଥପୁର ପଞ୍ଚାୟତରେ ନିମାଣାଧୀନ ମେଗା ପ୍ରକଳ୍ପରେ କାର୍ଯ୍ୟରତ ୭ ଜଣ ଶ୍ରମିକ ଗୁରୁବାର ବାଙ୍କିପାଳ ନିକଟ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ସେମାନଙ୍କ ମଧ୍ୟରୁ ସୟଦପୁର ପଞ୍ଚାୟତ ମିର୍ ସାହିର ରମେଶ ଦାସଙ୍କ ପୁଅ ବିଶ୍ୱଜିତ ନିଖୋଜ ହୋଇ ଯାଇଥିଲେ।

### ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗରେ ସ୍ୱାମୀ ଗିରଫ

**ଧର୍ମଶାଳା,୧୫ା୭(ଡି.ଏନ.ଏ.):** ଜେନାପୁର ଥାନା ଅନ୍ତର୍ଗତ ଚାରଗୋଠ ଗ୍ରାମରେ ସ୍ତ୍ରୀଙ୍କୁ ମାଡ଼ମାରିବା ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗ୍ରାମର ଟିଲୁଆ ମଲିକ(୩୮)। କୌଣସି କାରଣକୁ ନେଇ ଟିଲୁଆ ତାଙ୍କ ସ୍ତ୍ରୀ ସରସ୍ୱତୀ ମଲିକ(୩୫)ଙ୍କୁ ମାଡ଼ ମାରିଥିଲେ। ଏସମ୍ପର୍କରେ ସରସ୍ୱତୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୯୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### ବଜ୍ରପାତରେ ଟଳିପଡ଼ିଲେ ଚାଷୀ

**ଧର୍ମଶାଳା,୧୫ା୭(ଡି.ଏନ.ଏ.):** ବଜ୍ରପାତ ଘଟି ଶୁକ୍ରବାର ଧର୍ମଶାଳା ଥାନା ଅଧୀନ ଆରୁହା ଗ୍ରାମର ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ନୃସିଂହ ଦାସଙ୍କ ପୁଅ ଅନିଲ କୁମାର ଦାସ(୩୪)। ପୂର୍ବାହ୍ନରେ ଅନିଲ ଗ୍ରାମ ନିକଟସ୍ଥ ନିଜ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଖବରକାଗଜ ବିତରକଙ୍କ ପିତୃ ବିୟୋଗ



**ସିଂହପୁର,୧୫ା୭(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ମଲିଆ ଗ୍ରାମର ଖବରକାଗଜ ବିତରକ ଗଙ୍ଗାଧର ଦାଶଙ୍କ ପିତା ଗିରିଧାରୀ ଦାଶଙ୍କ ବିୟୋଗ ହୋଇଛି। ସେ ବରୁଣେଇ ବ୍ରାହ୍ମଣ ସମାଜର ସଦସ୍ୟ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଫତେପୁର ସରପଞ୍ଚ ମାଧବିଲତା ସାହୁ, ଜିଲାପରିଷଦ ସଭ୍ୟା ସୁନୀତା ନାୟକ, ଖବରଦାତା ଅନିରୁଦ୍ଧ ବେଉରିଆ, ଶିକ୍ଷାବିତ ସଚ୍ଚିଦାନନ୍ଦ ଗୁରୁ, ବରୁଣେଇ ବ୍ରାହ୍ମଣ ସମାଜ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସୁବାସ ଦାଶ, ରଘୁନାଥ ଦାଶ, ନିରାକାର ଦାଶ, ମହେଶ୍ୱର ଦାଶ ଓ ଯଯାତି କେଶରୀ ଦାଶ ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଓଡ଼ିଶା ବନ୍ଦ ସଫଳ ପାଇଁ ନିବେଦନ

**ଯାଜପୁର ଟାଉନ,୧୫ା୭(ଡି.ଏନ.ଏ.)**

ଭୁବନେଶ୍ୱର ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାକୁ ୨ ସପ୍ତାହ ପୂରିବାକୁ ବସିଲାଣି। ମାତ୍ର ଏନେଇ ପୋଲିସ, ପ୍ରଶାସନ, କଲେଜ କର୍ତ୍ତୃପକ୍ଷ ଓ ସରକାର କାହାରି ପାଖରେ ସାମାନ୍ୟତମ ସମ୍ବେଦନଶୀଳତା ନାହିଁ। ନବନିର୍ମାଣ ଯୁବ ଛାତ୍ର ସଂଗଠନର ଅନଶନ, ରୁଚିକା ମା'ଙ୍କ ଅହୋରାତ୍ର ଧାରଣା ସରକାରଙ୍କ ନିଦ୍ରାଭଙ୍ଗ କରିନାହିଁ କି ରୁଚିକାଙ୍କୁ ନ୍ୟାୟ ମିଳିନାହିଁ। ଏ ପରି ପ୍ରେକ୍ଷୀରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆସନ୍ତା ୧୯ ତାରିଖ ମଙ୍ଗଳବାର ଏକ ୧୨ଘଣ୍ଟିଆ (ସକାଳ ୬ରୁ ସନ୍ଧ୍ୟା ୬) ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଡାକରା କେବଳ ଛାତ୍ରୀଛାତ୍ରଙ୍କ ପାଇଁ ନୁହେଁ ଅଧିକନ୍ତୁ ଶିକ୍ଷା ବ୍ୟବସ୍ଥାର ଅସଂଗତି, ମହିଳାଙ୍କ ପ୍ରତି ଅବମାନନା, ପୋଲିସର ଦମନଲୀଳା, ପ୍ରଶାସନର ଅବହେଳା, ସରକାରୀ ପକ୍ଷପାତିତା ଓ ରାଜନୈତିକ ଇଚ୍ଛାଶକ୍ତି ବିରୋଧରେ ହିଁ ଦିଆଯାଇଛି। ଏଣୁ ସମସ୍ତ ଛାତ୍ରୀଛାତ୍ର, ଛାତ୍ର ସଂଗଠନ, ଯୁବ ସଂଗଠନ, ବିଭିନ୍ନ ସଂଗଠନ, ଟ୍ରେଡ୍ ୟୁନିୟନ୍, ରାଜନୈତିକ ଦଳ, କୃଷକ ମହିଳା, ସର୍ବୋପରି ସମ୍ବେଦନଶୀଳ ବ୍ୟକ୍ତି ବିଶେଷ ଶାନ୍ତିପୂର୍ଣ୍ଣ ଓ ଗଣତନ୍ତ୍ରିକ ଭାବେ ଏହାକୁ ସଫଳ କରାଇବାକୁ ନିବେଦନ କରାଯାଇଛି। ବନ୍ଦବେଳେ ସମସ୍ତ ଯାତାୟାତ, ଅଫିସ୍ ଓ ବ୍ୟବସାୟ ବନ୍ଦ ରହିବ ବୋଲି କୁହାଯାଇଛି।

# ଯାଜପୁର ରୋଡ୍‌ରେ ଟୁଇଟର କ୍ଲବ



ଟୁଇଟର କ୍ଲବ୍‌ରେ ସାମିଲ ହୋଇଥିବା ସଭ୍ୟ ଓ କର୍ମକର୍ତ୍ତା।

**ଯାଜପୁର ରୋଡ୍,୧୫ା୭(ଡି.ଏନ.ଏ.)**

ଯାଜପୁର ରୋଡ୍‌ଠାରେ ଜିଲାର କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଯୁବ ସମାଜସେବୀଙ୍କୁ ନେଇ ଶୁକ୍ରବାର ଏକ ଟୁଇଟର କ୍ଲବ ଗଠନ କରାଯାଇଛି। ଏହି ଟୁଇଟର କ୍ଲବକୁ ଯୁବ ସମାଜସେବୀ ବିମଲ ଦାସ, ମୋହନ ମହାରଣା ଓ ସରୋଜ ବେହେରା ଉଦ୍‌ଘାଟନ କରିଥିଲେ। କ୍ଲବର ଆବାହକ ରାଜେଶ ରାଉତ ଟୁଇଟର କିପରି ଇନଷ୍ଟଲ ହେବା ସହ ସହଜରେ ବ୍ୟବହାର କରାଯାଇପାରିବ ସେ ବିଷୟରେ ବୁଝାଇଥିଲେ। ସମ୍ପ୍ରତି ପ୍ରଶାସନ ସବୁକିଛି ଡିଜିଟାଲ ମୋଡ୍ କାର୍ଯ୍ୟ କରୁଛି। ଏହାକୁ ଦୃଷ୍ଟିରେ ରଖି ଟୁଇଟର କ୍ଲବ ମାଧ୍ୟମରେ ସରକାରଙ୍କ ପ୍ରତି ଯୋଜନାକୁ ପ୍ରଥମେ ଟୁଇଟରରେ ପୋଷ୍ଟ କରି ଲୋକଙ୍କୁ ସଚେତନ କରିବା ସହ ପ୍ରଶାସନର ଅଣଦେଖା ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇପାରିବ। ଏହି ଟୁଇଟର କ୍ଲବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଦମନ ମହାନ୍ତି, ବିଶ୍ୱଜିତ ଦାସ, ଫନି ପ୍ରକାଶ ଜେନା, ମନୋଜ ଦାସ, ତପନ ପାତ୍ର, ପ୍ରକାଶ ଜେନା, ତବିନ ସାମଲ, ରଘୁନାଥ ପାତ୍ର, ସୁମନ୍ତ ମହାରଣା, ଦମନ ମହାନ୍ତି, ଲିପୁନ ବାରିକ, ବିଶ୍ୱଜିତ ମାଝି, ପ୍ରହଲ୍ଲାଦ ଦେଓ, ବିବେକ ବେହେରା, ରାଜେଶ ସାହୁ, ସୁରଜିତ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲିଚିଂ ମିଳୁ ନ ଥିବା ଅଭିଯୋଗ

**ଚଣ୍ଡିଖୋଲ,୧୫ା୭(ଡି.ଏନ.ଏ.)**

ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଜାତୀୟ ରାଜପଥ କଡ଼ରେ ଅବସ୍ଥିତ ହେତୁ ଦୁର୍ଘଟଣାରେ ଶିକାର ହୋଇଥିବା ବିଭିନ୍ନ ଜିଲାର ରୋଗୀ ଏଠାରେ ଚିକିତ୍ସିତ ହୋଇଥାନ୍ତି। ତେବେ ବର୍ତ୍ତମାନ ବର୍ଷା ଋତୁ ହୋଇଥିବାରୁ ବିଭିନ୍ନ ସ୍ଥାନରେ ପାଣି ଜମିବା ସହ କୂଅ ପାଣି ଦୂଷିତ ହେଉଛି। ସେଥିପାଇଁ ବ୍ଲିଚିଂ ପାଉଡ଼ରର ଆବଶ୍ୟକତା ରହିଛି। ମାତ୍ର ବ୍ଲିଚିଂ ପାଉଡର ପାଇଁ ଲୋକେ ମେଡିକାଲକୁ ଗଲେ ଦାୟିତ୍ୱରେ ଥିବା ଅଧିକାରୀ ଦେଉ ନ ଥିବା ଅଭିଯୋଗ ହୋଇଛି। ମହାବିନାୟକ ଓ ଚଣ୍ଡୀ ମନ୍ଦିରରେ ବ୍ୟବହୃତ ଜଳ ଦୂଷିତ ହୋଇଥିବାରୁ ବଡ଼ଚଣା ଅଞ୍ଚଳର ଜଣାଶୁଣା ସାମାଜିକ କର୍ମୀ ଅନିଲ ଦାସ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ କିଛି ବ୍ଲିଚିଂ ପାଉଡର ମାଗିଥିଲେ। ହେଲେ ମେଡିକାଲ କର୍ମଚାରୀ ତାଙ୍କୁ ମନା କରିଦେଇଥିବା ସେ ଅଭିଯୋଗ କରିଛନ୍ତି। ଦୁଇ ପର୍ଯ୍ୟଟନ କ୍ଷେତ୍ରରେ ସିଉଳି ଲାଗିଥିବା ଯୋଗୁ ପର୍ଯ୍ୟଟକ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ତୁରନ୍ତ ଏହାକୁ ସଫା କରି ବିଶୁଦ୍ଧ କରିବା ପାଇଁ ଯେତେ କହିଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷ ବ୍ଲିଚିଂ ଦେଇ ନ ଥିଲେ ବୋଲି ସେ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବଡ଼ଚଣା ମେଡିକାଲ ଅଧିକାରୀ ଡା. ରଶ୍ମିରଞ୍ଜନ ପଶାୟତଙ୍କୁ ପଚାରିବାରେ ସେ କୁହନ୍ତି, ଆମେ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ବ୍ଲିଚିଂ ପାଉଡର ଦେଉଛୁ ଗ୍ରାମାଞ୍ଚଳରେ ବ୍ୟବହାର ପାଇଁ। ଏହାପରେ ମଧ୍ୟ କୌଣସି ବ୍ୟକ୍ତି ମାଗିଲେ ଦିଆଯାଉଛି। ତେବେ ଦାସଙ୍କୁ କିଏ ଦେଇଛନ୍ତି କି ନାହିଁ ସେ ସମ୍ପର୍କରେ ବୁଝିବା ପରେ କହିବି ବୋଲି ଡା. ପଶାୟତ ପ୍ରକାଶ କରିଛନ୍ତି।

# ଗଛକଟାକୁ ନେଇ ଉତ୍ତେଜନା, ଫୋର୍ସ ମୁତୟନ

**କଳିଙ୍ଗନଗର,୧୫ା୭(ଡି.ଏନ.ଏ.)**

ବ୍ୟାସନଗରସ୍ଥିତ ଯୋଡ଼ାବର ଗାଁ ନିକଟରେ ରେଳ ଲାଇନ କାମ ବେଳେ ଗଛ କଟାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା। ମାତ୍ର ଜିଲା ପ୍ରଶାସନର ଆଲୋଚନାପରେ ପରିସ୍ଥିତି ଆୟତ୍ତକୁ ଆସିଥିବା ଅତିରିକ୍ତ ତହସିଲଦାର ସୂଚନା ଦେଇଛନ୍ତି। ଉତ୍ତେଜନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସୂଚନା ମୁତାବକ, ଯାଜପୁର ରୋଡ ଥାନା ଯୋଡାବର ଗାଁନିକଟରେ ରେଲ୍‌ୱେର ଗୋଡାଉନ କାର୍ଯ୍ୟ ଚାଲିଛି। ଏହି ସମୟରେ ଯୋଡ଼ାବର ଗ୍ରାମବାସୀଙ୍କ ଦ୍ୱାରା ଲଗା ଯାଇଥିବା କିଛି ଗଛକୁ ଜେସିବି ଦ୍ୱାରା ଠିକାଦାର ଓପାଡିବାକୁ ଚେଷ୍ଟା କରିଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। ଫଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ଅତିରିକ୍ତ ତହସିଲଦାର, ଗ୍ରାମବାସୀ, ସ୍ଥାନୀୟ କାଉନସିଲର, ଯାଜପୁର ରୋଡ ଥାନା ଅଧିକାରୀ ଓ କମ୍ପାନୀ କର୍ମଚାରୀଙ୍କ ଦୀର୍ଘ ସମୟ ଆଲୋଚନା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ।

# ରାହୁଲ ଗାନ୍ଧୀ, ଅଜୟ କୁମାରଙ୍କ କୁଶପୁତ୍ତଳିକା ଦାହ



ଭଜପା କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଯାଜପୁର ଟାଉନ,୧୫ା୭(ଡି.ଏନ.ଏ.)**

ଭାଜପା ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ଉପରେ କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ଅଜୟ କୁମାର ଦେଇଥିବା କଟୁ ମନ୍ତବ୍ୟକୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି। ଶୁକ୍ରବାର ଯାଜପୁର ଭାଜପା ପକ୍ଷରୁ ଗାନ୍ଧିଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଅଜୟ କୁମାର ଓ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ସଂଗ୍ରାମ ପାତ୍ରଙ୍କ ନେତୃତ୍ୱରେ ଯାଜପୁର ଯୁବମୋର୍ଚ୍ଚାର କର୍ମୀମାନେ ରାହୁଲ ଓ ଅଜୟଙ୍କ ବିରୋଧରେ ନାରାବାଜି ଦେବା ସହ ସେମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏପରି ମନ୍ତବ୍ୟ ପାଇଁ କଂଗ୍ରେସ ତୁରନ୍ତ କ୍ଷମା ମାଗିବା ସହିତ ଅଜୟଙ୍କୁ ଦଳରୁ ବହିଷ୍କାର କରିବା ପାଇଁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ସୁଶାନ୍ତ ସାହୁ, ସତ୍ୟଜିତ ସ୍ୱାଇଁ, ସଞ୍ଜୟ ସାହୁ, ଶକ୍ତିସୌରଭ ମହାପାତ୍ର, ଅବନି ବିଶ୍ୱାଳ, ବିଜନ ବେହେରା, ଦେବାଶିଷ ନାୟକ, ରଶ୍ମିପ୍ରଭା ସାହୁ, ସୁଜାତା ମିଶ୍ର, ଊର୍ମିଳା ବେହେରା, ଜୟନ୍ତୀ ବେହେରା, ରୂପକ ଦାସ, ଜୟନ୍ତ ସାହୁ, ଦୁଃଶାସନ ବେହେରା ଓ ପ୍ରକାଶ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଜିଲା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ୍ ବାର୍ଷିକ ଅଧିବେଶନ

**ଝୁମ୍ପୁରୀ,୧୫ା୭(ଡି.ଏନ୍.ଏ.)**

ଯାଜପୁର ଜିଲା ରଗ୍‌ବୀ ଫୁଟବଲ ଆସୋସିଏଶନ୍‌ର ବାର୍ଷିକ ଅଧିବେଶନ ଓ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ଦଶରଥପୁର ହାଇସ୍କୁଲର ଦିଲୀପ ତିର୍କୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ନାରାୟଣ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥିଭାବେ ଦଶରଥପୁର ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲା ହକି କୋଚ୍ ଅମୂଲ୍ୟ ବେହେରା, ୫ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ଦଶରଥପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

ଉତ୍ସବରେ ସମ୍ମାନିତ ଅତିଥିଭାବେ ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ଦଶରଥପୁର ସମିତିସଭ୍ୟ ପ୍ରଶାନ୍ତ କୁମାର ମଲ୍ଲିକ, ବରିଷ୍ଠ ଖବରଦାତା ଉମାକାନ୍ତ ଧଳ, ଦଶରଥପୁର ସରପଞ୍ଚଙ୍କ ପ୍ରତିନିଧି ଧର୍ମରାଜ ଧୀର, ବ୍ଲକ୍ ଅଲିମ୍ପିକ୍ ଆସୋସିଏଶନ ଉପସଭାପତି ଶୀଳଭଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭ୍ୟ ଇତିରଞ୍ଜନ ଦାସ, ରମାକାନ୍ତ ସାହୁ, ଜିତନ ସାହୁ, ବିଷ୍ଣୁଚରଣ ବେହେରା, ସତ୍ୟରଞ୍ଜନ ପୃଷ୍ଟି, ଅଜୟ ପ୍ରଧାନ, ଶିଖା ପଣ୍ଡା, ବିଘ୍ନେଶ୍ୱର ମଲ୍ଲିକ, ଲୋକନାଥ ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ସମସ୍ତ ବୟସ ବିଭାଗରେ ଶିବିର ଆୟୋଜିତ ହେବ। ରଗ୍‌ବୀ ଖେଳର ପ୍ରଚାର ପ୍ରସାର ପାଇଁ ସବୁପ୍ରକାର ସାହାଯ୍ୟ ସହଯୋଗ କରାଯିବ ବୋଲି ଅତିଥି ପ୍ରତିଶ୍ରୁତି ଦେଇଥିଲେ। ଆସୋସିଏଶନ ସମ୍ପାଦକ ଭରତ ଚନ୍ଦ୍ର ସାହୁ କ୍ରୀଡ଼ା ବିବରଣୀ ପ୍ରଦାନ କରିଥିବାବେଳେ ଉପସଭାପତି ପ୍ରମୋଦ ସାହୁ ଅତିଥି ପରିଚୟ ଓ ବାସୁଦେବ ତରାଇ ଧନ୍ୟବାଦ ଦେଇଥିଲେ। ଆସୋସିଏଶନ୍ ପକ୍ଷରୁ ଅତିଥିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# କଳିଙ୍ଗନଗର ଟାଟା ଷ୍ଟିଲ୍ ପରିସରରେ ବୃକ୍ଷରୋପଣ

**କଳିଙ୍ଗନଗର,୧୫ା୭(ଡି.ଏନ.ଏ.)**

ଭାରତର ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଟାଟା ଷ୍ଟିଲ ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହା ଦେଶ ପାଇଁ ଏକ ଉନ୍ନତ ଭବିଷ୍ୟତ ଗଠନ ଦିଗରେ କମ୍ପାନୀର ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି। ଏହି କାର୍ଯ୍ୟକ୍ରମ ପାଳନ ଅବସରରେ ଟାଟା ଷ୍ଟିଲ କଳିଙ୍ଗନଗର କାରଖାନା ପରିସରରେ ଶୁକ୍ରବାର ୧୨୦୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଟାଟା ଷ୍ଟିଲ କଳିଙ୍ଗନଗରର କର୍ମଚାରୀ, ଠିକା କର୍ମଚାରୀ ଓ ଭେଣ୍ଡର ସହଯୋଗୀମାନେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।




# ୩ ମହଲା ବିଶିଷ୍ଟ ବ୍ୟବସାୟିକ ପ୍ରତିଷ୍ଠାନ ସିଲ୍

**ଯାଜପୁର ଟାଉନ,୧୫ା୭(ଡି.ଏନ.ଏ.)**

ଯାଜପୁର ସହରର ମୁଖ୍ୟ ରାସ୍ତା କୁସୁମା ରୋଡ୍‌ରେ ଥିବା ଏକ ୩ ମହଲା ବିଶିଷ୍ଟ ବ୍ୟବସାୟିକ ପ୍ରତିଷ୍ଠାନକୁ ଟ୍ରେଡ୍ ଲାଇସେନ୍ସ ଓ ବ୍ୟବସାୟିକ ଘର ପାଇଁ ପ୍ଲାନିଂ ଅନୁମତି ନ ଥିବାରୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଶୁକ୍ରବାର ସିଲ୍ କରିଛନ୍ତି। ଏହି ଘରେ ବ୍ୟବସାୟ ଚାଲିଥିବାରୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ୪ ତାରିଖ ଦିନ ଏକ ନୋଟିସ୍ ଜାରି କରି ୭ ଦିନ ମଧ୍ୟରେ ବ୍ୟବସାୟ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ବ୍ୟବସାୟ ଅନୁଷ୍ଠାନ ବନ୍ଦ ନ ହେବାରୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ପୋଲିସ ସହାୟତାରେ ଏହାକୁ ସିଲ୍ କରିଛନ୍ତି। କୋରେଶା ବିବି ନାମକ ଜଣେ ମହିଳା ଉକ୍ତ ୩ ମହଲା ଘର କରି ୨୦୧୫ରୁ ବିଭିନ୍ନ ଲୋକଙ୍କୁ ଭଡା ଦେଇ ବ୍ୟବସାୟିକ ଅନୁଷ୍ଠାନ ଚଳାଉଥିଲା। କୁସୁମା ପାର୍କ ଯାଜପୁରର ଏକ ଜଣାଶୁଣା ପର୍ଯ୍ୟଟନସ୍ଥଳୀ। ଯେଉଁଠିକି ପ୍ରାୟ


ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରାଯାଉଛି।

ପ୍ରତ୍ୟେକ ଦିନ ହଜାରହଜାର ପର୍ଯ୍ୟଟକ ଆସିଥାନ୍ତି। ତେବେ ଏହି ବ୍ୟବସାୟିକ କୋଠାଟି ବିନା ଅନୁମତିରେ ନିର୍ମାଣ କରାଯାଇଥିବାରୁ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥାଏ।

୨୩ା୦୬ା୨୦୨୨ରେ ଜିଲାପାଳ ଏହି ବ୍ୟବସାୟିକ ଅନୁଷ୍ଠାନକୁ ବନ୍ଦ କରିବା ପାଇଁ ମ୍ୟୁନିସିପାଲିଟିକୁ ନିର୍ଦ୍ଦେଶ ଦେଇଥିଲେ। ପରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ କୋରେଶାଙ୍କୁ ନୋଟିସ କରିଥିଲେ। ହେଲେ ବନ୍ଦ କରାଯାଇ ନ ଥିବାରୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏହାକୁ ଅନିର୍ଦ୍ଦିଷ୍ଟ କାଳପାଇଁ ସିଲ୍ କରିଦେଇଥିବା ଜଣାପଡ଼ିଛି। ଏନେଇ ଘର ମାଲିକାଣୀ କୋରେଶା

## ଟ୍ରେଡ୍ ଲାଇସେନ୍ସ, ବ୍ୟବସାୟିକ ଘର ପାଇଁ ପ୍ଲାନିଂ ଅନୁମତି ନାହିଁ

କହିଛନ୍ତି, ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ବେଆଇନ ଭାବେ ଘରକୁ ସିଲ୍ କରିଛନ୍ତି। ୨୦୦୪ ଓ ୨୦୧୫ରେ ୨ ମହଲା ପାଇଁ ସ୍ପେଶାଲ ପ୍ଲାନିଂ ଅଥରିଟିଙ୍କଠାରୁ ଅନୁମତି ଅଣାଯାଇଛି। ମାତ୍ର ଏହା ସତ୍ତ୍ୱେ କୌଣସି କଥାକୁ ନ ଶୁଣି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଘର ସିଲ୍ କରିଦେବା ବେଆଇନ ବୋଲି ସେ କହିଛନ୍ତି। ଅପରପକ୍ଷରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଜୋଷୀ କହିଛନ୍ତି, ବିନା ମ୍ୟୁନିସିପାଲିଟି ଟ୍ରେଡ୍‌ଲାଇସେନ୍ସ ଓ ୩ ମହଲା ଘର ବ୍ୟବସାୟିକ ଅନୁମତି ନ ଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ନିୟମ ଅନୁସାରେ ଉକ୍ତ ଘରକୁ ସିଲ୍ କରାଯାଇଛି।

# ବିପର୍ଯ୍ୟସ୍ତ ହେବ କୃଷି, ପାନୀୟ ଜଳ

- ମହାନଦୀ ଜଳକୁ ନେଇ ଆଶଙ୍କାରେ ଜିଲାବାସୀ
- ପ୍ରଥମ ନଦୀଭିତ୍ତିକ ବନ୍ଦର ପରିକଳ୍ପନା ବନ୍ଦ ହେବ
- ଚିତ୍ରୋତ୍ପଳା ସମେତ ବହୁ କେନାଲକୁ ମିଳିବନି ପାଣି

**କେନ୍ଦ୍ରାପଡ଼ା ଅଫିସ, ୧୫।୭**

ମହାନଦୀର ଜଳଧାରା ସମ୍ପୂର୍ଣ୍ଣ ବ୍ୟାହତ ହୋଇପାରେ। ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ମହାନଦୀ ଜଳ ବିବାଦକୁ ନେଇ ଏପରି ଆଶଙ୍କା ବିଧାନସଭାରେ ପ୍ରକଟ ପରେ ଏହାର ପ୍ରତିଧ୍ୱନି କେନ୍ଦ୍ରାପଡ଼ା ଜିଲାରେ ଶୁକ୍ରବାର ଦେଖିବାକୁ ମିଳିଛି। ଛତିଶଗଡ଼ଠାରେ ନଦୀବନ୍ଧ ନିର୍ମାଣ ହେବା ଦ୍ୱାରା ଜିଲାର କୃଷି ଓ ପାନୀୟ ଜଳ ବିପର୍ଯ୍ୟସ୍ତ ହେବ ବୋଲି ଜିଲାବାସୀ ମତବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ମହାନଦୀର ଜଳଧାରା କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ବ୍ଲକ ମହାକାଳପଡ଼ାର ମହାନଙ୍ଗଳଠାରୁ ମାତ୍ର ୧୦ କିଲୋମିଟର ପ୍ରବାହିତ ହୋଇ ଗଡରୋମିତ ପର୍ଯ୍ୟନ୍ତ ଲମ୍ବିଛି। ଏଥିସହ କଟକ ଜିଲା ଗୁଆଳନାସୀଠାରୁ ଜିଲାରେ ପ୍ରବାହିତ ଚିତ୍ରୋତ୍ପଳା ନଦୀ ମହାନଦୀଠାରୁ ଜଳ ଗ୍ରହଣ କରୁଛି। ଚିତ୍ରୋତ୍ପଳା ନଦୀରୁ ଲୁଣା ନଦୀ ବରପଦାଠାରେ ସୃଷ୍ଟି ହୋଇଛି। ସେହିପରି ଜଗତପୁରର ତେଣ୍ଡାକୁଡାଠାରେ ପାଇକା ନଦୀ ଓ ଚୌଦ୍ୱାର ନିକଟରେ ବିରୂପା ନଦୀ ମହାନଦୀର ଜଳଗ୍ରହଣ କରି ପୂର୍ଣ୍ଣଗର୍ଭା ହୋଇଛି। ଜଗତପୁରର ବ୍ୟାରେଜ ନିକଟରେ କେନ୍ଦ୍ରାପଡ଼ା କେନାଲ ସୃଷ୍ଟି କରାଯାଇ ମହାନଦୀର ଜଳକୁ ଜିଲାରେ ପ୍ରବାହିତ ଗୋବରୀ କେନାଲ, ପଟ୍ଟାମୁଣ୍ଡାଇ କେନାଲ ଓ ଗୋବରୀ ସମ୍ପ୍ରସାରିତ କେନାଲକୁ ଛଡା ଯାଇଥାଏ। ଫଳରେ ମହାନଦୀର ଜଳକୁ ଭିତ୍ତିକରି ଜିଲାର ୪୧,୬୮୧ ହେକ୍ଟର କ୍ଷେତରେ ଚାଷ ହେଉଛି। ଏଥିସହ ଲୁଣା ଅଞ୍ଚଳ ଭାବେ ପରିଚିତ ରାଜନଗର, ମହାକାଳପଡ଼ା ବ୍ଲକ ସମେତ କେନ୍ଦ୍ରାପଡ଼ା ସହରବାସୀ ଏହାର ମଧୁର ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଆଗାମୀଦିନରେ ଦୁଇଟି ମେଗା ପାନୀୟ ଜଳ ପ୍ରକଳ୍ପ ସହ ମହାକାଳପଡ଼ାର ଆଖଡାଶାଳୀ ନିକଟରେ ଦେଶର ପ୍ରଥମ ନଦୀଭିତ୍ତିକ ବନ୍ଦର ନିର୍ମାଣ ଯୋଜନା ରହିଛି। ଉପରମୁଣ୍ଡରେ ମହାନଦୀର ଜଳ ପ୍ରବାହ କମିଲେ ତଳମୁଣ୍ଡରେ ଥିବା କେନ୍ଦ୍ରାପଡା ଜିଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହେବ ବୋଲି ସାମଲ କହିଛନ୍ତି। ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା କହିଛନ୍ତି, ମହାନଦୀର ଜଳକୁ ଛତିଶଗଡ଼ ସରକାର ଏକଚାଟିଆ ଭାବେ ବ୍ୟବହାର କରିବା ପାଇଁ ଚାହୁଁଛନ୍ତି। ସେଠାରେ ନଦୀବନ୍ଧ ନିର୍ମାଣ ହେଲେ ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ, କୃଷି ଓ ପାନୀୟ ଜଳ ପ୍ରଭାବିତ ହେବ। ଏପରି କି ଏହାର ପ୍ରଭାବ ଯୋଜନାରେ ଥିବା ଆଖଡାଶାଳୀ ବନ୍ଦର ଉପରେ ପଡିବ। ସଂଘୀୟ ବ୍ୟବସ୍ଥାରେ ଦେଶ ଚାଲୁଥିବା ବେଳେ ରାଜ୍ୟଗୁଡିକ ମଧ୍ୟରେ ବିବାଦ ଆଦୌ ସମୀଚୀନ ନୁହେଁ। ବିବାଦର ଅନ୍ତ ପାଇଁ ସମସ୍ତ ରାଜନୈତିକ ଦଳ ଏକାଠି ହୋଇ ରାଜ୍ୟ ସ୍ୱାର୍ଥ ପାଇଁ ସ୍ୱର ଉଠାଇବା ଆବଶ୍ୟକ। ପାଟକୁରା ଆଞ୍ଚଳିକ ବିକାଶ କମିଟିର ସଭାପତି ସେକ୍ ଫଜରୁଲ ହକ କହିଛନ୍ତି, କଟକ ଜିଲାର ଗୁଆଳିନାସୀଠାରେ ମହାନଦୀରୁ ଚିତ୍ରୋତ୍ପଳା ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ଜିଲାର ମହମ୍ମଦପୁରରୁ କୁଆଁରପୁର ପର୍ଯ୍ୟନ୍ତ ୩୬ କିଲୋମିଟର ଏହି ନଦୀ ବ୍ୟାପିଛି। ଏହାର ଅବବାହିକାରେ ହେଉଥିବା ପନିପରିବାଠାରୁ ଆରମ୍ଭ କରି ଧାନ ଫସଲ ପର୍ଯ୍ୟନ୍ତ ଏହି ନଦୀ ଜଳକୁ ଚାଷୀମାନେ ଚାଷ କାର୍ଯ୍ୟରେ ବ୍ୟବହାର କରିଥାନ୍ତି। ସ୍ଥାନୀୟ ଅଧିବାସୀଙ୍କ ଦୈନନ୍ଦିନ ଜୀବନରେ ଚିତ୍ରୋତ୍ପଳା ନଦୀ ବହୁ କାର୍ଯ୍ୟରେ ଆସୁଛି। ମହାନଦୀର ଜଳଧାରା କ୍ଷମତା କମିଲେ ଚିତ୍ରୋତ୍ପଳା ମରିଯିବ। ଫଳରେ ଜନଜୀବନ ବିପର୍ଯ୍ୟସ୍ତ ହେବ। କୃଷକ ନେତା ବିଜୟ କୁମାର ପରିଡା କହିଛନ୍ତି, ମହାନଦୀ ଜଳ ବିବାଦ ଶୀଘ୍ର ସମାଧାନ ହେବା ଆବଶ୍ୟକ। ସମାଧାନ ବିଳମ୍ବିତ ହେଲେ କେନ୍ଦ୍ରାପଡ଼ା ଜିଲାର ଜନଜୀବନ ପ୍ରଭାବିତ ହେବ। କୃଷି, ପାନୀୟ ଜଳ ସହ ପରିବେଶ ନଷ୍ଟ ହେବ। ଜିଲାର ବିଭିନ୍ନ ନଦୀ ଓ କେନାଲକୁ ଏହି ନଦୀ ପାଣି ଯୋଗାଉଛି। ଏହାର ଜଳଧାରା ବନ୍ଦ ହେଲେ ବହୁ ଅଞ୍ଚଳ ଖୁବ୍‌ଶୀଘ୍ର ଲୁଣା ପାଲଟିଯିବ। ଏହି ବିବାଦକୁ ରାଜନୀତିକରଣ କରା ନ ଯାଇ ଓଡ଼ିଶାର ସ୍ୱାର୍ଥ ପାଇଁ ରାଜନୈତିକ ଦଳ ସମେତ ସ୍ଥାନୀୟ ଶିକ୍ଷାବିତ୍, ବୁଦ୍ଧିଜୀବୀମାନେ ସ୍ୱର ଉଠାନ୍ତୁ ବୋଲି ସେ ମତ ଦେଇଛନ୍ତି।



କେନ୍ଦ୍ରାପଡ଼ା ଜିଲା ଦେଇ ପ୍ରବାହିତ ହୋଇଥିବା ମହାନଦୀ।

## ସଂକ୍ଷେପରେ

### ସାମାନ୍ୟ ବର୍ଷାରେ ବିଦ୍ୟୁତ୍ ଯୋଗାଣ ବନ୍ଦ



ପଟ୍ଟାମୁଣ୍ଡାଇ,୧୫।୭(ସ୍ୱ.ପ୍ର.):ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରତିଦିନ ଅଘୋଷିତ ବିଦ୍ୟୁତକାଟ ହେଉଥିବା ଅଭିଯୋଗ ହେଉଛି। ଘଣ୍ଟାକୁ ଘଣ୍ଟା ବିଦ୍ୟୁତ୍ କାଟ ଯୋଗୁ ଲୋକାମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯାଇ ସେବା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବିଦ୍ୟୁତ୍ ଉପଭୋକ୍ତା ସଂଘର ସଭାପତି ଆଇନଜୀବୀ ଭୀମସେନ ପରିଡା କହିଛନ୍ତି, ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଟାଟା ପାୱାର ବିଦ୍ୟୁତ ବିତରଣ ଦାୟିତ୍ୱ ନେବା ପରଠାରୁ ସାମାନ୍ୟ ବର୍ଷା ହେଲେ ବିଜୁଳି ଯୋଗାଣ ବନ୍ଦ ଘଟଣା ବାରମ୍ବାର ଦେଖିବାକୁ ମିଳୁଛି। ସେବା ଯୋଗାଣରେ ପୂର୍ବାପେକ୍ଷା ସୁଧାର ଆସିଥିବା ଓ ଉତମ ସେବା ପ୍ରଦାନକୁ ପ୍ରାଥମିକତା ଦିଆଯିବା କଥା ଏହି କମ୍ପାନି କହୁଥିବା ବେଳେ ବାସ୍ତବରେ ସେଭଳି କିଛି ହେଉନାହିଁ। ମରାମତି, ରକ୍ଷଣାବେକ୍ଷଣ ଆଦି ନାମରେ ଟାଟା ପାୱାର ଦିନଦିନ ବିଦ୍ୟୁତ ବିତରଣ ବନ୍ଦ ରଖୁଛି। ଏହା ସତ୍ତ୍ୱେ ପୁଣି ବିଦ୍ୟୁତ ସମସ୍ୟା ଦେଖାଦେଉଛି। ବିଗତଦିନରେ ପଟ୍ଟାମୁଣ୍ଡାଇ ଗ୍ରୀଡ୍‌ରୁ ପଟ୍ଟାମୁଣ୍ଡାଇ ଓ ରାଜନଗର ସହର ସହ ଗ୍ରାମାଞ୍ଚଳକୁ ବିଦ୍ୟୁତ ଯୋଗାଣ ହେଉଥିଲା। ଏ ନେଇ ପଟ୍ଟାମୁଣ୍ଡାଇ ଗ୍ରୀଡ୍‌ରେ ଅଧିକ ସମସ୍ୟା ଦେଖାଯାଉଥିଲା। କୁନ୍ଦୁପୁର ଗ୍ରୀଡ କାର୍ଯ୍ୟକ୍ଷମ ହେଲା ପରେ ପଟ୍ଟାମୁଣ୍ଡାଇ ବ୍ଲକର ୮ ଟି ପଞ୍ଚାୟତ ସମେତ ସମଗ୍ର ରାଜନଗର ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାଙ୍କୁ କୁନ୍ଦୁପୁର ଗ୍ରୀଡ଼ରେ ସଂଯୋଗ ଦିଆଯାଇଛି। ମାତ୍ର ସ୍ଥାନୀୟ ବିଦ୍ୟୁତ୍ ବିଭାଗର ଅପାରଗତା ଯୋଗୁ ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀ ପ୍ରତିଦିନ ଅଘୋଷିତ ବିଦ୍ୟୁତକାଟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ କହିଛନ୍ତି, ସାମାନ୍ୟ ବର୍ଷା ହେଲେ ଘଣ୍ଟା ଘଣ୍ଟା ଧରି ବିଜୁଳି ସେବା ବନ୍ଦ କରି ଦିଆଯାଉଛି। ଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ଚିକିତ୍ସାଳୟରେ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ରୋଗୀମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଥିସହ ସଦର ମହାକୁମାରେ ପାଇପ ଜଳ ଯୋଗାଣଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସେହିପରି ସାମାନ୍ୟ ପବନ ବୋହିଲେ ବିଦ୍ୟୁତ୍ ସେବା ବନ୍ଦ କରି ଦିଆଯାଉଛି। ଏହି ଅଞ୍ଚଳଗୁଡ଼ିକରେ ଥିବା ବହୁବର୍ଷର ପୁରୁଣା ବିଦ୍ୟୁତ୍ ଖୁଣ୍ଟ ଓ ତାର ଗୁଡ଼ିକ ବଦଳା ଯାଉ ନ ଥିବା ଯୋଗୁ ଏପରି ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ପଟ୍ଟାମୁଣ୍ଡାଇ ବିଦ୍ୟୁତ୍ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ମଧ ତାଙ୍କ ଫୋନ ସୁଇଚ ଅଫ ରହିଛି।

## କମ୍ପାନୀ ପରିସରରୁ ଚୋରି : ୪ ଅଭିଯୁକ୍ତ ଗିରଫ

**ପାରାଦୀପ ୧୫।୦୭(ସ୍ୱ.ପ୍ର.)**

ଏଏମ୍‌ଏନ୍‌ଏସ୍(ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ପରିସରରୁ ଲୁହା ଯନ୍ତ୍ରାଂଶ ଚୋରି ଅଭିଯୋଗରେ ଲକ୍ ଥାନା ପୋଲିସ ଶୁକ୍ରବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅଠରବାଙ୍କି ଲକପଡା ଅଞ୍ଚଳର ସାଗର ମଣ୍ଡଳ, ଅନିଲ ହାଲଦାର, ପ୍ରକାଶ ମଣ୍ଡଳ ଓ ରବି ଦାସ। ଏ ନେଇ ମାମଲା (ନଂ.୨୦୭/୨୨) ରୁଜୁ ହୋଇଛି। ଅଭିଯୁକ୍ତମାନେ କମ୍ପାନୀ ପାଚେରି ଡେଇଁ ମୂଲ୍ୟବାନ ଲୁହା ଯନ୍ତ୍ରାଂଶ ଚୋରି କରିଥିଲେ ବୋଲି ସିକ୍ୟୁରିଟି ଅଫିସର ବାସୁଦେବ କର ଅଭିଯୋଗ କରିଥିଲେ। ସମସ୍ତ ସାମଗ୍ରୀକୁ ପୋଲିସ ଜବତ କରିଛି।

## କୋଲର ସମବାୟ ସମିତି: ସୁଦୀପ ସଭାପତି

**ତିର୍ତ୍ତୋଲ,୧୫।୭(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ କୋଲର ସେବା ସମବାୟ ସମିତି ନୂତନ ସଭାପତି ଭାବେ ସୁଦୀପ ରାଉତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ଏକ ମାତ୍ର ପ୍ରାର୍ଥୀ ଭାବେ ଏଥିରେ ନାମାଙ୍କନପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଆଉ କୌଣସି ବ୍ୟକ୍ତି ପ୍ରାର୍ଥିପତ୍ର ଦାଖଲ ନ କରିବାରୁ ରାଉତଙ୍କୁ ନିର୍ବାଚନ ଅଧିକାରୀ କୈଳାସ ଚନ୍ଦ୍ର ଭୋଇ ବିଜୟ ଘୋଷଣା କରିଥିଲେ। ସମିତି ସମ୍ପାଦକ କେଦାର କୁମାର ପଟ୍ଟନାୟକ ତାଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ।

## ସାମୁଦ୍ରିକ ଜୁଆରରେ ରାସ୍ତାରେ ୩ ଫୁଟର ପାଣି



ବତୀଘର ପଞ୍ଚାୟତ ମୁଖ୍ୟ ରାସ୍ତାରେ ସାମୁଦ୍ରିକ ଜଳ ୩ ଫୁଟ ଉଚ୍ଚାରେ ପ୍ରବାହିତ ହେଉଛି।

**ମହାକାଳପଡ଼ା,୧୫।୭(ଡି.ଏନ.ଏ.)**

### ବତୀଘରକୁ ଗମନା ଗମନ ବନ୍ଦ

ପୂର୍ଣ୍ଣିମା ଯୋଗୁ ସାମୁଦ୍ରିକ ଜୁଆରରେ ପାଣି କୂଳ ଲଙ୍ଘିଛି। ଫଳରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ବତୀଘର ପଞ୍ଚାୟତ ଟୁବି ଫେରିଘାଟ–ବତୀଘର ମୁଖ୍ୟରାସ୍ତାର ପ୍ରସ୍ତାବିତ ସରଂକ୍ଷିତ ଜଙ୍ଗଲ ନିକଟରେ ସମୁଦ୍ର ଜଳ ପ୍ରବେଶ କରି ରାସ୍ତାରେ ୩ ଫୁଟ୍ ଉଚ୍ଚତାରେ ପାଣି ପ୍ରବାହିତ ହେଉଛି। ଏଥିଯୋଗୁ ପଥଚାରୀ, ବାଇକ୍ ଆରୋହୀ, ଛାତ୍ରୀଛାତ୍ରଙ୍କ ଯାତାୟାତରେ ବାଧାପ୍ରାପ୍ତ ହେଉଛି। ଏହି ପାଣିସ୍ରୋତରେ ଛାତ୍ରୀଛାତ୍ର ବିଦ୍ୟାଳୟ ଯିବାକୁ ଭୟ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଘାଇ ହୋଇଥିବା ସ୍ଥାନରେ ବାରମ୍ବାର ବାଲିବସ୍ତା ପକାଯାଉଥିଲେ ମଧ କୌଣସି ସୁଫଳ ମିଳୁନି। ପ୍ରତିବର୍ଷ ଅସରାଏ ବର୍ଷା ହେଉ କି ସାମୁଦ୍ରିକ ଜୁଆର ଦ୍ୱାରା ରାସ୍ତାର ଅବସ୍ଥା ସମ୍ପୂର୍ଣ୍ଣ ବେହାଲ ହୋଇପଡୁଛି। ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ହୋଇଥିଲେ ମଧ ଅଧିକାରୀ ଦୃଷ୍ଟି ଦେଉ ନ ଥିବା ସାଧାରଣରେ ଦାବି ହେଉଛି।

## ବଜ୍ରପାତରେ ନଡ଼ିଆ ଗଛ ଫାଟିଗଲା

**ବାଲିଆ,୧୫।୭**

ବିରିଡି ବ୍ଲକ ଅନ୍ତର୍ଗତ ଗୋଠପଦା ଗ୍ରାମର ରଞ୍ଜିତ ଖଣ୍ଡୁଆଳଙ୍କ ଘର ସମ୍ମୁଖରେ ଶୁକ୍ରବାର ଅପରାହ୍ନରେ ବ୍ରଜପାତ ଘଟି ନିକଟରେ ଥିବା ଏକ ନଡିଆ ଗଛ ଫାଟିଯାଇଛି । ଏହି ଗଛର ମଧଭାଗରୁ ମୂଳ ପର୍ଯ୍ୟନ୍ତ ଫାଟି ବିପଦସଙ୍କୁଳ ହୋଇପଡ଼ିଛି। ବଜ୍ରପାତର ପ୍ରଚଣ୍ଡ ଶବ୍ଦରେ ଜଣେ ମହିଳା(୬୫) ଅଚେତ ହୋଇଯାଇଥିବା ବେଳେ ଖଣ୍ଡୁଆଳ ଓ ଅଶୋକ ମହାନ୍ତିଙ୍କ ଘର ଫ୍ୟାନ ଓ ଇନ୍‌ଭର୍ଟର ପୋଡିଯାଇଛି।



ବଜ୍ରପାତରେ ଫାଟିଯାଇଥିବା ନଡ଼ିଆ ଗଛ।

## ଦେସାହି ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଠପ

**ଆଳି,୧୫।୭(ଡି.ଏନ.ଏ.)**



### ନାହାନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ

ରାଜ୍ୟ ସରକାର ପଞ୍ଚାୟତବାସୀଙ୍କୁ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ସହ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ମାତ୍ର କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଦେସାହି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ନ ଥିବାରୁ ଦୀର୍ଘ ୧୫ଦିନ ହେବ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଠପ ହୋଇଯାଇଥିବା ନେଇ ଅଭିଯୋଗ ହେଉଛି। ଏହାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଜୁନ ୩୦ ତାରିଖରେ ଦେସାହି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ବାରିକ ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ କାହାକୁ ଦାୟିତ୍ୱ ଦିଆଯାଇନାହିଁ। ଯାହାଫଳରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଝୁଲିଛି। ଦୈନିକ ପଞ୍ଚାୟତର ଲୋକମାନେ ବିଭିନ୍ନ ସମସ୍ୟା ନେଇ କାର୍ଯ୍ୟାଳୟକୁ ଆସି ଫେରୁଥିବା ଅଭିଯୋଗ ହେଉଛି। ଏ ନେଇ ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ପଚାରିବାରୁ ଗତ ମାସରେ ଏହି ପଞ୍ଚାୟତ ଦାୟିତ୍ୱରେ ଥିବା ଅଧିକାରୀ ଅବସର ଗ୍ରହଣ କରିଛନ୍ତି। ବ୍ଲକରେ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କ ସଂଖ୍ୟା କମ ରହିଛି। ତେଣୁ ଉକ୍ତ ପଞ୍ଚାୟତର ସମସ୍ତ ସରକାରୀ କାର୍ଯ୍ୟକୁ ଜିପିଓ ତଦାରଖ କରୁଛନ୍ତି। ଖୁବ୍‌ଶୀଘ୍ର ଏହି ପଞ୍ଚାୟତକୁ ନୂତନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବାର ବ୍ୟବସ୍ଥା ହେଉଛି। କୌଣସି ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉନାହିଁ ବୋଲି ସେ ସୂଚନା ଦେଇଛନ୍ତି।

## ଲଜ୍ଜା ସହି ନ ପାରି ଯୁବତୀଙ୍କ ଆତ୍ମହତ୍ୟା ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ/ପାଟକୁରା, ୧୫।୭(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ପଦ୍ମପୁର ପଞ୍ଚାୟତ ମହମୁଦା ଗାଁରେ ଜଣେ ଯୁବତୀ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଶୁଭ୍ରା ଶୁଭଦର୍ଶନୀ ସ୍ୱାଇଁ। ତେବେ ଶୁଭ୍ରାଙ୍କ ମା' ଝରଣା ଥାନାରେ କରିଥିବା ଅଭିଯୋଗ ମୁତାବକ ଲୋକ ଲଜ୍ଜା ସହି ନ ପାରି ବେକରେ ରଶି ଲଗାଇ ଝିଅ ଆତ୍ମହତ୍ୟା କରିଛି। ଅଭିଯୋଗ ଅନୁଯାୟୀ, ଜୁନ ୧୭ ତାରିଖରେ ଶୁଭ୍ରାଙ୍କ ପରିବାର ଓ ପଡୋଶୀଙ୍କ ସହ କଳିଗୋଳ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ପୋଲିସର ଏହି ନୀରବତାକୁ ନେଇ ଗାଁର କେତେଜଣ ଲୋକ ଟାହି ଟାପରା କରୁଥିଲେ। ପଞ୍ଚାୟତର ସରପଞ୍ଚଙ୍କ ସମର୍ଥକମାନେ ଶୁଭ୍ରାଙ୍କୁ ମଧ ଟାହିଟାପରା କରୁଥିଲେ ବୋଲି ଅଭିଯୋଗ ହୋଇଛି। ଅପରପକ୍ଷରେ ଗ୍ରାମବାସୀ ଥାନା ଆଗରେ ମୃତଦେହ ରଖି ନ୍ୟାୟ ଭିକ୍ଷାରେ ଆନ୍ଦୋଳନ ଚଳାଇଛନ୍ତି। ଏହି ଖବର ଜଣାପଡିବା ପରେ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଛନ୍ତି। ଏଥିସହ ସରପଞ୍ଚ ଅନୁସୂୟା ବେହେରାଙ୍କ ସ୍ୱାମୀଙ୍କୁ ଥାନାକୁ ଡାକି ଅଟକ ରଖିବା ସହ ପଚରାଉଚରା କରିଛନ୍ତି। ଏସ୍‌ଆଇ ବିଶ୍ୱଜିତ ଭୋଇ ଏ ସମ୍ପର୍କରେ କହିଛନ୍ତି, ଅଭିଯୋଗକୁ ଭିତ୍ତି କରି ନଂ ୨୮୮/୨୨ରେ ମାମଲା ରୁଜୁ ହୋଇଛି। ଏହି ଘଟଣାର ତଦନ୍ତ ଜାରି ରହିଛି।

## ଅଜଣା ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ପଟ୍ଟାମୁଣ୍ଡାଇ,୧୫।୭ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ–ରାଜନଗର ତଳ ରାସ୍ତାର ମଦନପୁର କଲେଜ ଓ କହୁଣିଆ ଛକ ମଝି ରାସ୍ତାରେ ସଡକ ଦୁର୍ଘଟଣା ଶୁକ୍ରବାର ସନ୍ଧ୍ୟାରେ ହୋଇଛି। ଏହି ଦୁର୍ଘଟଣାରେ ରାଜନଗର ଥାନା ଦାଣ୍ଡି ଗାଁର ମନୋରଞ୍ଜନ ମହାନ୍ତି (୨୮)ଙ୍କର ମୃତ୍ୟୁ ଘଟିଛି। ମନୋରଞ୍ଜନ ରାସ୍ତାରେ ନିଜ ଘରକୁ ଯାଉଥିବା ସମୟରେ କୌଣସି ଏକ ଗାଡି ଧକ୍କା ଦେଇଥିବା ପ୍ରାଥମିକ ସୂଚନାରୁ ଜଣାପଡିଛି। ତେବେ ଏ ନେଇ ସ୍ଥାନୀୟ ଲୋକ ରାସ୍ତା ଉପରକୁ ଆସି ଘଟଣାସ୍ଥଳରେ ରାସ୍ତାରୋକୋ ଆରମ୍ଭ କରିଥିଲେ। ପଟ୍ଟାମୁଣ୍ଡାଇ ଥାନା ପୋଲିସ ପହଞ୍ଚି ରାସ୍ତାରୋକୋକୁ ବନ୍ଦ କରିଛି। ପୋଲିସ ମୃତଦେହକୁ ଜବତ କରି ଡାକ୍ତରଖାନାକୁବ୍ୟବଚ୍ଛେଦପାଇଁପଠାଇଛି। ରାତି ହୋଇ ଯାଇଥିବାରୁ ଶନିବାର ମୃତଦେହ ବ୍ୟବଚ୍ଛେଦ ହେବା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଡିଏପି ସାର ଅଭାବ ଯୋଗୁ ଚାଷୀ ହନ୍ତସନ୍ତ

### ମନ୍ତ୍ରୀଙ୍କୁ ଭେଟିଲେ ସମବାୟବିତ ଅବିଳମ୍ବେ ସାର ଯୋଗାଣ ପାଇଁ ନିର୍ଦ୍ଦେଶ

**ପଟ୍ଟାମୁଣ୍ଡାଇ,୧୫।୭(ସ୍ୱ.ପ୍ର.)**

ମୌସୁମୀ ଲୁଚକାଳି ଖେଳୁଛି। ବର୍ଷାକୁ ଅନେଇ ବସିଥିବା ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ଖରିଫ ଚାଷ ଲାଗି ଅଣ୍ଟା ଭିଡୁଥିବାବେଳେ ଦୁର୍ବଳ ମୌସୁମୀ ବର୍ଷା ସେମାନଙ୍କୁ ଚିନ୍ତାରେ ପକାଇଛି। କିଛିଦିନ ହେଲା ଲଘୁଚାପ ବର୍ଷା ଯୋଗୁ ଚାଷ ଉପଯୋଗୀ ବାତାବରଣ ସୃଷ୍ଟି ହୋଇଛି। ଚାଷୀମାନେ ପୂର୍ଣ୍ଣ ପ୍ରାଣରେ ଚାଷ କାର୍ଯ୍ୟରେ ଲାଗି ପଡିଛନ୍ତି। ମାତ୍ର ଡିଏପି ସାରର ଅଭାବ ଏ କ୍ଷେତ୍ରରେ ମୁଖ୍ୟ ପ୍ରତିବନ୍ଧକ ଭାବେ ଉଭା ହୋଇଛି। ସର୍ବଦା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଚାଷୀମାନେ ବହୁ ଆଶା ଭରସା ନେଇ ଚଳିତ ବର୍ଷ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଡିଏପି ସାର ଅଭାବ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। କେନ୍ଦ୍ରାପଡ଼ା ଜିଲାର ଚାଷୀଙ୍କ ସମସ୍ୟା ଉପଲବ୍ଧି କରି ଜିଲା ବିଜୁ କୃଷକ ଜନତା ଦଳ ସଭାପତି ତଥା ଚୌଦକୁଲାଟ ସମବାୟ ସମିତି ସଭାପତି ଦୁର୍ଗାଶିଷ ମହାନ୍ତି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଭେଟି ଆଲୋଚନା କରିବା ସହ ତୁରନ୍ତ ପର୍ଯ୍ୟାପ୍ତ ଡିଏପି ସାର ଯୋଗାଇବାକୁ ଦାବି କରିଥିଲେ। ମନ୍ତ୍ରୀ ନାୟକ ପରିସ୍ଥିତିର ଗମ୍ଭୀରତା ଉପଲବ୍ଧି କରି ଅବିଳମ୍ବେ ଚାଷୀମାନଙ୍କୁ ଡିଏପି ସାର ଯୋଗାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ମହାନ୍ତି ମନ୍ତ୍ରୀ ନୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।



ସାର ଯୋଗାଣ ପାଇଁ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଭେଟି ଅଭିଯୋଗ କରାଯାଉଛି।

## ଚାଷ ଜମି ପାଲଟିଛି ଚାରଣ ଭୂମି

**ମାର୍ଶାଘାଇ, ୧୫।୭(ଡି.ଏନ.ଏ.)**

କଥାରେ ଅଛି–ବର୍ଷାରେ ଆଷାଢ଼ ଶ୍ରାବଣ, ମେଘ ବରଷେ ଘନ ଘନ। ଆଷାଢ଼ ଯାଇ ଶ୍ରାବଣ ହେଲାଣି। ମାତ୍ର ବର୍ଷାର ଦେଖାନାହିଁ। ସବୁଠି ଚାଷଜମି ଶୁଖିଲା ପଡ଼ିଛି। ଯାହା ଟୋପାଏ ହେଉଛି ତାହା ମାଟି ଭେଦୁନାହିଁ। ଚାଷକାର୍ଯ୍ୟ ଠପ୍। ବର୍ଷାକୁ ଚାହିଁ ଚାହିଁ ଚାଷୀମାନେ ହତାଶ ହୋଇପଡ଼ିଲେଣି। ମାର୍ଶାଘାଇ ବ୍ଲକର ଅଣଜଳସେଚିତ ଜମିରେ ଖରିଫ ଚାଷ ପାଇଁ ଅଣ୍ଟା ଭିଡୁଥିବା ଚାଷୀଙ୍କ ଲାଗି ମୌସୁମୀ ବର୍ଷା ମରୀଚିକା ପାଲଟିଛି। ଯେଉଁଠି ତଳି ରୁଆ ହୋଇ ଜମି ଶସ୍ୟଶ୍ୟାମଳା ହେବା କଥା ତାହା ଏବେ ଗୋରୁଙ୍କ ଚାରଣ ଭୂମି ପାଲଟିଛି। ବର୍ଷା ଅଭାବରୁ ଚାଷୀ ଧାନତଳି ଉତାରି ପାରୁନାହାନ୍ତି। ଯିଏ ଆଗୁଆ ତଳିଘେରା କରିଥିଲେ ତାହା ବର୍ଷା ଅଭାବରୁ ଗଜା ହୋଇପାରୁନି। ବର୍ତ୍ତମାନ କାଁ ଭାଁ କେତେଜଣ ଚାଷୀ ମୋଟର ସାହାଯ୍ୟରେ ପାଣି ଉଠାଇ ତଳିଘେରା କାର୍ଯ୍ୟ ଆରମ୍ଭ କରିଛନ୍ତି। ସମଗ୍ର ମାର୍ଶାଘାଇ ବ୍ଲକ ଅଞ୍ଚଳରେ ମାତ୍ର ୨ଶହରୁ ୩ଶହ ହେକ୍ଟର ଜମିରେ ବିଆଳି ଧାନ ବିହନ ବୁଣାଯାଇଥିବା ବେଳେ ପ୍ରାୟ ୮ ହଜାର ହେକ୍ଟର ଜମିରେ ଶାରଦ ଧାନଚାଷ କରାଯାଉଛି ବୋଲି କୃଷି ବିଭାଗ ସୂତ୍ରରୁ ଜଣାପଡ଼ିଛି। ବ୍ଲକର ଅନ୍ତେଇ, ବଟିରା, ମଙ୍ଗରାଜପୁର, ବେରୁହାଁ, ତାଳସଙ୍ଗା, ଗରଜଙ୍ଗା, ପରକୁଳା, ରାଘବପୁର ଓ ଆଖୁଆ ଦକ୍ଷିଣୀ ପଞ୍ଚାୟତରେ ଅଣଜଳସେଚିତ ହୋଇଥିବା ବେଳେ ଚାଷୀମାନେ ଖରିଫ ଧାନ ଫସଲ ପାଇଁ ଜମି ପ୍ରସ୍ତୁତି କରିଛନ୍ତି। ଆଉ କେତେକ ଅଞ୍ଚଳରେ ବିଆଳି କିସମ ଧାନ ବିହନ ବୁଣିସାରିଲେଣି। ମାର୍ଶାଘାଇ ଜମ୍ବୁ ମୁଖ୍ୟ କେନାଲରେ ପାଣି ଆସିଥିଲେ ମଧ ଶାଖା କେନାଲଗୁଡିକ ସଫା ହୋଇ ନ ଥିବାରୁ ଜଳସେଚିତ ପଞ୍ଚାୟତ ଭାବେ ପରିଗଣିତ ମାର୍ଶାଘାଇ, ଶିଳିପୁର, ଦୁମୁକା, ମାଣତିର, ହିନ୍ଦୁଳିଆ, ଦସୀପୁର ଆଦିରେ ଚାଷୀମାନେ ଚାଷକାର୍ଯ୍ୟ ଆଗେଇ ପାରିନାହାନ୍ତି। ତୁରନ୍ତ ଶାଖା କେନାଲ ସଫେଇ କରି ପାଣି ଯୋଗାଣ ପାଇଁ ଚାଷୀମାନେ ଦାବି କରିଛନ୍ତି।



ମାର୍ଶାଘାଇ ଅଞ୍ଚଳରେ ଥିବା ଚାଷ ଜମିରେ ଗୋରୁ ଚରୁଛନ୍ତି।

# ବିପଦରେ ଉପକୂଳବର୍ତ୍ତୀ ଅଞ୍ଚଳ

**ପାରାଦୀପ, ୧୫।୭(ସ୍ୱ.ପ୍ର.)**

ଗତ ସପ୍ତାହେ ହେଲା ସମୁଦ୍ର ଅଶାନ୍ତ ରହିଛି। ଲଘୁଚାପ ଯୋଗୁ ଉଚ୍ଚ ଜୁଆର ହେବା ସହ ପାଣି ସ୍ଥଳଭାଗକୁ ପ୍ରବେଶ କରୁଛି। ଏଭଳି ସ୍ଥିତି ଉପକୂଳ ଓଡିଶାର ଅନେକ ସ୍ଥାନରେ ଦେଖାଯାଇଛି। ପାରାଦୀପରେ ସମୁଦ୍ରର ଉଚ୍ଚ ଢେଉ ଆସିବା ଯୋଗୁ ବିପଦପୂର୍ଣ୍ଣ ସ୍ଥିତି ଉପୁଜିଛି। କିଛି ସ୍ଥାନରେ ଗଛ ଉପୁଡିଯାଇ ଥିବାବେଳେ ଆଉ କିଛି ବସ୍ତିରେ ପାଣି ପଶିଛି। ଏଥିସହ ଅନେକ ସୌନ୍ଦର୍ଯ୍ୟକରଣ ଉପକରଣ ପାଣିରେ ନଷ୍ଟ ହୋଇଯାଇଛି। କାଉଡିଆ ନଦୀ ସଂଲଗ୍ନ ବିଜୟଚନ୍ଦ୍ରପୁର ବସ୍ତିରେ ୩ ଦିନ ହେବ ଜୁଆର ପାଣ ରାସ୍ତା ଉପରେ ପ୍ରବାହିତ ହେଉଛି। ନେହେରୁବଙ୍ଗଳା ମହାନଦୀ ମୁହାଣ ନିକଟରେ ଥିବା ମହିଳା ସମିତି ଘର ପର୍ଯ୍ୟନ୍ତ କୂଳ ଖାଇଯାଇଛି। ମନ୍ଦଦ ଉଦ୍ୟାନରେ କରାଯାଇଥିବା ସୌନ୍ଦର୍ଯ୍ୟକରଣ କାମଗୁଡିକ ମଧ୍ୟ ଜୁଆର ପାଣିରେ ନଷ୍ଟ ହୋଇଯାଇଛି। ଏଥିସହ ମୁହାଣଠାରୁ ମାଛଧରାବନ୍ଦର ପର୍ଯ୍ୟନ୍ତ ମହାନଦୀ ତଟ ପାଣିରେ ମିଶି ଗଲାଣି। ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳ ଏବଂ ଜଟାଧାରମୁହାଣ ପାଖ ଅଞ୍ଚଳରେ ସମୁଦ୍ର ଜୁଆର ପାଣି ମାଡ଼ିଯାଇଛି। ସମୁଦ୍ରର ଏପରି ଅଶାନ୍ତ ରହୁଥିବାରୁ ଲୋକେ ଭୟଭୀତ ହୋଇଯାଇଛନ୍ତି। ଏପରି ଜୁଆର ଆଉ ଟିକେ ଅଧିକ ହେଲେ ସ୍ଥଳଭାଗର ଅନେକ ଗାଁ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି।


କାଉଁରିଆ ନଦୀସଂଲଗ୍ନ ବିଜୟଚନ୍ଦ୍ରପୁର ବସ୍ତିରେ ପାଣି ପଶିଯାଇଛି।

# ସମୁଦ୍ର ଆଁରେ ୫ ଗାଁ

- ଶିଆଳି ବେଳାଭୂମିରେ କୂଳ ଲଙ୍ଘିଲା ସମୁଦ୍ର
- ପ୍ରଶାସନର ଝାଉଁ ବହ୍ଲା, ବାଲିବସ୍ତା ପକା ଉଦ୍ୟମ ବିଫଳ

**ଏରସମା, ୧୫।୭(ସ୍ୱ.ପ୍ର.)**

ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଶିଆଳି ସମୁଦ୍ର ବେଳାଭୂମିର ରକ୍ଷଣାବେକ୍ଷଣ ଅଭାବରୁ ତାହା ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ପାଲଟିଛି। ସମୁଦ୍ର ଉଗ୍ରରୂପ ଧାରଣ କରି ଉପକୂଳ ମୁହାଁ ହେଉଥିବାରୁ ବିଶେଷକରି ସେଠାରେ ବସବାସ କରୁଥିବା ସ୍ଥାନୀୟ ୫ ଗ୍ରାମବାସୀ ସମୁଦ୍ରର ଉତ୍ତାଳ ଲୁଣା ଜୁଆର ଭୟରେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏବେ ଲଘୁଚାପ ସୃଷ୍ଟି ହୋଇ ନ ଥିଲେ ମଧ୍ୟ ବୁଧବାର ଯାଇଥିବା ପୂର୍ଣ୍ଣିମା ତିଥିର ପ୍ରଭାବରେ ଲୁଣା ଜୁଆର କୂଳ ଲଘି ଶିଆଳି, ପଦ୍ମପୁର, ରାମତରା, ଶଙ୍ଖା ଓ କଳାବେଦୀ ପ୍ରଭୃତି ବେଳାଭୂମି ସନ୍ନିକଟ ଗାଁରେ ପ୍ରବେଶ କରି ଆତଙ୍କ ସୃଷ୍ଟି କରିଛି। ଭୟରେ ଗ୍ରାମବାସୀ ରାତିରେ ଶୋଇ ପାରୁନାହାନ୍ତି। ପ୍ରଶାସନ ପକ୍ଷରୁ ଝାଉଁ ବହ୍ଲା ପୋତି ୧୨ଫୁଟ ଲମ୍ବ ବିଶିଷ୍ଟ ବାଲିବସ୍ତା ପକାଯାଇ ସମୁଦ୍ର ଜୁଆରକୁ ଅଟକାଇବାକୁ କରାଯାଉଥିବା ଉଦ୍ୟମ ବିଫଳ ହୋଇଛି। ଏପରି କି ୩ ଧାଡି ଝାଉଁ ବହ୍ଲା ଓ ବାଲିବସ୍ତାକୁ ଅତିକ୍ରମ କରି ଗୁରୁବାର ରାତିରେ ଲୁଣା ଜୁଆର ଭ୍ୟୁଟାୱାର ନିକଟରେ ମାଡ ହୋଇଛି। ଏଥିସହ ଓଟିଡିସି ସଭାଗୃହ ମଧ୍ୟ ଅତିକ୍ରମ କରିଛି। ବିଶେଷକରି କଳାବେଦୀଠାରୁ ରାମତରା ଗ୍ରାମ ପର୍ଯ୍ୟନ୍ତ ୨ କିମି ଦୂରତା ମଧ୍ୟରୁ ଅଧିକାଂଶ ସ୍ଥାନରେ ଘାଇ ସୃଷ୍ଟି କରି ସମୁଦ୍ର ଜଳ ଗାଁ ଆଡକୁ ପ୍ରବାହିତ ହେଉଛି। ଲଘୁଚାପ ସୃଷ୍ଟି ହେଲେ ଲୋକେ ଘୋର ବିପଦ ବଢିବ ବୋଲି ଆଶଙ୍କା କରି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଛନ୍ତି। ୫ ଗାଁର ଲୋକମାନେ କୁହାକୁହି ହେଉଛନ୍ତି ସମୁଦ୍ର ଗାଁକୁ ଗ୍ରାସ କରିଦେବ। ଆମ ଗାଁ ସବୁ ଆଉ ମାନଚିତ୍ରରେ ରହିବନି।

## ଜୁଆର ମାଡ଼ରେ ଝାଉଁଗଛ ଉପୁଡ଼ି ପଡ଼ିଛି



ସାଧାରଣ ପୂର୍ଣ୍ଣିମା ତିଥିର ପ୍ରଭାବରେ ସମୁଦ୍ର ଜୁଆର କୂଳ ଲଘି ଗାଁରେ ପ୍ରବେଶ କରିଛି। ଓଟିଡିସି ସଭାଗୃହ ନିକଟରେ ୧୦୦ମିଟର ପର୍ଯ୍ୟନ୍ତ ଲମ୍ବରେ ସମୁଦ୍ର ଜୁଆର ମାଡି ଚାଲିଛି। ଜୁଆର ମାଡରେ ଝାଉଁଗଛ ଉପୁଡି ପଡିଛି। ଲଘୁଚାପ ସୃଷ୍ଟି ହେଲେ କେବଳ ଶିଆଳି, ପଦ୍ମପୁର, ରାମତରା ନୁହେଁ ସମଗ୍ର ଏରସମା ଏଥିରେ କ୍ଷତିଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ପ୍ରଶାସନ ତୁରନ୍ତ ଏହାର ପ୍ରତିକାର ପାଇଁ ବ୍ୟବସ୍ଥା କରିବାକୁ ନିବେଦନ କରୁଛି।

**–ଅରୁଣ କୁମାର ବେହେରା, ସଭାପତି, ପଦ୍ମପୁର କୃଷି ସେବା ସମବାୟ ସମିତି**



## ଗାଁଗଣ୍ଡା ନିଶ୍ଚିହ୍ନ ହୋଇଯିବ

ପ୍ରତିବର୍ଷ ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଲୋକଙ୍କ ଅଭିଯୋଗ ରକ୍ଷା କରି ପ୍ରଶାସନ ବାଲିବସ୍ତା ଓ ଝାଉଁ ବହ୍ଲାରେ ଜୁଆରକୁ ଅଟକାଇବାକୁ କରୁଥିବା ଉଦ୍ୟମ ସମୁଦ୍ରକୁ ଶଙ୍ଖେ। ଚଳିତବର୍ଷ ସମୁଦ୍ର ଜୁଆର ଭୟଙ୍କର ରୂପ ନେଇଥିବାରୁ ଗାଁଗଣ୍ଡା ନିଶ୍ଚିହ୍ନ ହୋଇଯିବ ବୋଲି ଲୋକେ ଭୟଭୀତ ହୋଇପଡିଛନ୍ତି। ବାଧ୍ୟ ହୋଇ ଆମେ ସର୍ବଦଳୀୟ ବୈଠକ ଡାକି ଖବରଦାତା ସମ୍ମିଳନୀ କରି ପଦ୍ମପୁର ପଞ୍ଚାୟତବାସୀ ଏହିସମସ୍ୟାର ସମାଧାନ ପାଇଁ ଜିଲାପାଳ, ରାଜ୍ୟ ପର୍ଯ୍ୟଟନ ବିଭାଗ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ସ୍ୱାରକପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିବୁ।

**–ପ୍ରତିଭା ପାତ୍ର, ସରପଞ୍ଚ, ପଦ୍ମପୁର।**

## ସମୁଦ୍ରର ଘୁ ଘୁ ଗର୍ଜନରେ କମ୍ପୁଛି



୩ ଦିନ ହେଲା ସମୁଦ୍ର ଜୁଆର ମାଡି ଆସିଥିବାରୁ ଲୋକେ ରାତିରେ ଶୋଇ ପାରୁନାହାନ୍ତି। ଘୁ ଘୁ ଗର୍ଜନରେ କମ୍ପୁଛି। ଚଳିତ ବର୍ଷ ସମୁଦ୍ର ଜୁଆର ଅଶାତୀତ ଉଗ୍ରରୂପ ଧାରଣ କରିଛି। ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିଲେ ମଧ୍ୟ ସମୁଦ୍ର ଜୁଆର ରୋକିବା ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ବାଧ୍ୟହୋଇ ଆମେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବୁ।

**–ରବୀନ୍ଦ୍ର କୁମାର ପାତ୍ର, ସଭାପତି, ଦୋଳଗୋବିନ୍ଦ ଯୁବକ ସଂଘ, ଶିଆଳି।**



## ସଂକ୍ଷେପରେ

### ମହିଳାଙ୍କଠାରୁ ୧୪୩ ଗ୍ରାମ ବ୍ରାଉନସୁଗାର ଜବତ

ଜଗତ୍‌ସିଂହପୁର ଅଫିସ, ୧୫।୭: ବାଲିକୁଦା ବ୍ଲକ ଅନ୍ତର୍ଗତ ମାଛଗାଁ ନିକଟ ସୁକିଦା ଗ୍ରାମର ଜଣେ ମହିଳାଙ୍କ ଠାରୁ ଶୁକ୍ରବାର ୧୪୩ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ସେ ହେଲେ ଏହି ଗ୍ରାମର ସୁଦର୍ଶନ ସାହୁଙ୍କ ସ୍ତ୍ରୀ ଭାରତୀ। ଏହାର ଆନୁମାନିକ ମୂଲ୍ୟ ୧୪ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏନେଇ ମାମଲା (ନଂ. ୨୧/୨୨-୨୩) ରୁଜୁ କରାଯାଇ ଅଭିଯୁକ୍ତ ଭାରତୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ଜିଲା ଅବକାରୀ ଅଧୀକ୍ଷକ ବୈଜୟନ୍ତୀ ପଣ୍ଡା ସୂଚନା ଦେଇଛନ୍ତି। ଜଗତ୍‌ସିଂହପୁର ଅବକାରୀ ଇନ୍ସପେକ୍ଟର ନିମାଇଁ ଚରଣ ସିଂହଙ୍କ ନେତୃତ୍ୱରେ ଓଆଇସି ରଞ୍ଜୁଲତା ବାରିକ, ସରୋଜ କୁମାର ସାହୁ, ଅବକାରୀ କନେଷ୍ଟବଲ ପ୍ରକାଶ କୁମାର ରାଉତ ଓ ଜୟଦେବ ପାତ୍ର ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ।

### ବଜ୍ରପାତରେ ମହିଳା ମୃତ

କୁଜଙ୍ଗ, ୧୫।୭ (ଡି.ଏନ୍.ଏ.): କୁଜଙ୍ଗ ଥାନା ଅନ୍ତର୍ଗତ ବାମଦେଇପୁର ପଞ୍ଚାୟତର କଣ୍ଟେଇନାଳି ଗ୍ରାମରେ ଶୁକ୍ରବାର ବଜ୍ରପାତ ଘଟି ଶୁକ୍ରବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଶିକେଶନ ଜେନାଙ୍କ ସ୍ତ୍ରୀ ନମିତା (୪୨)। ସେ ବଡି ଭୋର୍‌ରୁ ଚୁଲିରୁ ପାଉଁଶ ନେଇ ବାଡି ପଟରେ ପକାଇ ଫେରୁଥିବାବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ନମିତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କୁଜଙ୍ଗ ପୋଲିସ୍ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୨୯/୨୨) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାଲିଆ/ବିରିଡି (ଡି.ଏନ୍.ଏ.) ୧୫।୭: ବିରିଡି ବ୍ଲକ ଅଲକା ମହାବିଦ୍ୟାଳୟ ଯୁକ୍ତ ୩ ଜୀବ ବିଜ୍ଞାନ ବିଭାଗର ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଆୟୋଜିତ ସଭାରେ ପ୍ରାଣୀ ବିଭାଗ ମୁଖ୍ୟ ଜଲି ପଟ୍ଟନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜନୀତି ବିଜ୍ଞାନ ବିଭାଗ ଆସୋସିଏଟ ପ୍ରଫେସର ଡ. ପ୍ରଶାନ୍ତ କିଶୋର ପରିଡା, ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧକ୍ଷ ବନମାଳି ବେହେରା, ଅଧକ୍ଷ ଡ. ବିଶ୍ୱଜିତ ରାୟ, ଡ. ରୁଦ୍ରନାରାୟଣ ମିଶ୍ର, ରୁଦ୍ରନାରାୟଣ ମହାନ୍ତି, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଚିତ୍ତରଞ୍ଜନ ପାତ୍ର, ଅଶୋକ କୁମାର ଲେଙ୍କା, ବୈଷ୍ଣବ ଚରଣ ସାହୁ, ଡ. ପ୍ରଦୀପ୍ତ ରଞ୍ଜନ ପଟ୍ଟନାୟକ ଓ ଡ. ମଞ୍ଜୁଲତା ଦାଶ ପ୍ରମୁଖ ଯୋଗଦେଇ ଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତଙ୍କୁ ଗୋଟେ ଲେଖାଏ ଚାରା ବଣ୍ଟନ କରାଯାଇଥିଲା। ଶେଷରେ ଛାତ୍ରୀ ସବନମ୍ ଆରା .ବେଗମ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋପୀନାଥପୁର ପ୍ରାଥମିକ କୃଷି ସମବାୟ ସମିତି ବୈଠକ

**ବିରିଡି, ୧୫।୭ (ଡି.ଏନ୍.ଏ)**

ବିରିଡି ବ୍ଲକ ଗୋପୀନାଥପୁର ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ପରିଷଦର ପ୍ରଥମ ବୈଠକ ଶୁକ୍ରବାର ସମିତି ଗୃହରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସମ୍ପାଦକ ବିଜୟା ନନ୍ଦ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକର ନୂତନ ସଭାପତି ବିକ୍ରମ କୁମାର ସାହୁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସମିତିର ବ୍ୟବସାୟ ଅଭିବୃଦ୍ଧି, ଚାଷୀ ପଞ୍ଜୀକରଣ, ନୂତନ ଅଫିସ ଗୃହ ନିର୍ମାଣ ଓ ଗୋଦାମ ଗୃହ ମରାମତି, ସମିତିର ସ୍ଥାୟୀ ସମ୍ପାଦକ ଓ କର୍ମଚାରୀମାନଙ୍କ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଚଳିତ ଖରିଫରେ ଋତୁରେ ଧାନ ସଂଗ୍ରହ ପାଇଁ ଫର୍ମ ଗ୍ରହଣ କରାଯିବ। ଏସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଇବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସରକାରଙ୍କର ବଳରାମ ଯୋଜନାରେ ଭୂମିହୀନ ଚାଷୀଙ୍କୁ ଋଣ ଯୋଗାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ କର୍ମଚାରୀ ଉପେନ୍ଦ୍ର ଦାସ ଯୋଗଦେଇଥିବା ବେଳେ ଡିଇଓ ରମାକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ସମବାୟ ସମିତିର ସଦସ୍ୟ ଓ ଅନ୍ୟମାନେ।

## ତିର୍ତ୍ତୋଲ ବିଧାୟକଙ୍କ ଗିରଫ ଦାବିରେ ଶୋଭାଯାତ୍ରା

**ଜଗତ୍‌ସିଂହପୁର ଅଫିସ, ୧୫।୭**

ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ଗିରଫ ଦାବିରେ ଭାଜପା ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ଶାଖା ପକ୍ଷରୁ ଜଗତ୍‌ସିଂହପୁରରେ ଶୋଭାଯାତ୍ରା କରାଯାଇଛି। ବିଧାୟକ ଦାସ ସେକ୍ସ ର୍ୟାକେଟ ଚଲାଇଥିବା ନେଇ ତାଙ୍କ ବାନ୍ଧବୀ ପୂର୍ବରୁ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ତିର୍ତ୍ତୋଲ ଭାଜପା ନେତା ରାଜକିଶୋର ବେହେରାଙ୍କ ନେତୃତ୍ୱରେ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ଦଳର ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ସମେତ ମଣ୍ଡଳ ସଭାପତି ଦିଲୀପ ମହାନ୍ତି, ରୁଚାକ ଖୁଣ୍ଟିଆ, ସୁନନ୍ଦ ବିଶ୍ୱାଳ, ପ୍ରମୋଦ ପ୍ରଧାନ, କାଜଲ ମହାନ୍ତି, ସୁକାନ୍ତ ସ୍ୱାଇଁ, ସୁଦର୍ଶନ ପଣ୍ଡା, ତରୁଣ ଦାସଦଳ ଏବଂ ଓବିସି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ଜଗତ୍‌ସିଂହପୁର ଥାନାରେ ଦାବିପତ୍ର ଦିଆଯାଇଥିଲା।

# ୧୮ରୁ ୫୯ ବର୍ଷୀୟଙ୍କ ପାଇଁ ମାଗଣା ବୁଷ୍ଟର ଡୋଜ୍ ଆରମ୍ଭ

**ଜଗତ୍‌ସିଂହପୁର ଅଫିସ, ୧୫।୭**

### ପ୍ରଥମ ଦିନରେ ୬,୮୦୦ ଟିକା ଦିଆଗଲା

ଜଗତ୍‌ସିଂହପୁର ଜିଲାରେ ୧୮ରୁ ୫୯ ବର୍ଷୀୟଙ୍କ ପାଇଁ ଶୁକ୍ରବାରଠାରୁ କୋଭିଡ୍ ତୃତୀୟ ମାତ୍ରା ଅର୍ଥାତ୍ ମାଗଣା ବୁଷ୍ଟର (ପ୍ରିକସନ୍ ଡୋଜ୍) ଡୋଜ୍ ଟିକାଦାନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ସମଗ୍ର ଜିଲାର ୪୯ଟି କେନ୍ଦ୍ରରେ ମୋଟ ୬,୮୦୦ ଟିକା ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ବହିଃବିଭାଗ ଟୀକାଦାନ କେନ୍ଦ୍ରରେ ଜିଲାପାଳ ପାରୁଲ ପଟୱାରି ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରମୋଦ କୁମାର ବାରିକ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶତ୍ରୁଘ୍ନ ଦାଶ, ଏଡିଏମ୍‌ଓ (ମେଡିକାଲ) ଡା. ନିମାଇଁ ଚରଣ ନାୟକ, ଏଡିପିଏଚ୍‌ସିଓ ସଚଳା ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସୁକାନ୍ତ କୁମାର ପ୍ରଧାନ, ଭାକ୍ସିନ୍ ଲଜିଷ୍ଟିକ୍ ମ୍ୟାନେଜର ପାର୍ଥ ସାରଥି କରଶର୍ମା, ସିସିଟି ମନୋରଞ୍ଜନ ମହାପାତ୍ର, ହସ୍ପିଟାଲ ମ୍ୟାନେଜର ସସ୍ମିତା ସାହୁ, ଆସିଷ୍ଟାଣ୍ଟ ମ୍ୟାଟ୍ରନ ରମା ଶତପଥୀ ଓ ଆଇସିଏ ରାଜେଶ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ବୁଷ୍ଟରୁ ଡୋଜ ନେବା ନିମନ୍ତେ ୧୮ରୁ ୫୯ବର୍ଷ ମଧ୍ୟରେ ୪,୪୫,୮୫୨ ଓ ୬୦ବର୍ଷରୁ ଉର୍ଦ୍ଧ୍ୱରେ ୬୦,୬୬୮ ରହିଛନ୍ତି। କୋଭିଡ୍ ସଂକ୍ରମଣ ପୁନର୍ବାର ବଢୁଥିବାରୁ ଏହି ବୁଷ୍ଟର ଡୋଜ୍ ଟିକା ଉପରେ ଗୁରୁତ୍ୱାରୋପ କରାଯାଉଛି। ପ୍ରତ୍ୟେକ ଏଥିପ୍ରତି ଦାୟିତ୍ୱବାନ ହେବା ଉଚିତ ବୋଲି କୁହାଯାଇଛି।


ଜିଲାପାଳ ପାରୁଲ ପଟୱାରି ଟିକାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

# ଶ୍ରାବଣରେ ଚାଷଜମି ପଡ଼ିଆ

- ଆବର୍ଜନାରେ ପୋତି ହୋଇଛି କେନାଲ
- ସଫେଇ ନ ହେବାରୁ ଶୁଖିଲା ପଡ଼ିଛି

**ପଟ୍ଟାମୁଣ୍ଡାଇ, ୧୫।୭(ସ୍ୱ.ପ୍ର.)**

ଲୋକ କଥା ଅଛି ଚାଷ ତରତର ବଣିଜ ମଠ। ଏହି ଉକ୍ତିକୁ ଆଧାର କରି ଚାଷୀମାନେ ସାଧାରଣତଃ ରଜ ପରେ ପରେ ଖରିଫ୍ ଧାନ ଚାଷ ପାଇଁ ଧାନବିହନ ତଳି ପକାଇଥାନ୍ତି। ଆଉ କେତେଜଣ ଚାଷୀ ଧାନ ବୁଣି ବେଉଷଣ ପାଇଁ ପ୍ରସ୍ତୁତି କରିଥାନ୍ତି। ଆଷାଢ ମାସ ସରି ଶ୍ରାବଣ ଆରମ୍ଭ ହୋଇଥିଲେ ମଧ୍ୟ ଚାଷୀ ତାର ବିହନ ତଳି ପକାଇ ପାରିନାହିଁ। ଚାଷ ଜମି ପଡିଆ ପଡିଛି। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ଏ ପର୍ଯ୍ୟନ୍ତ ପାଣି ଛଡାଯାଇନାହିଁ। ଏହି ମୁଖ୍ୟ କେନାଲରୁ ବାହାରି ଥିବା ଶାଖା କେନାଲଗୁଡିକ ଜଙ୍ଗଲମୟ ହୋଇ ପଡିଛି। କେନାଲ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇନାହିଁ। ଚାଷଜମି ଶୁଖିଲା ପଡିଥିବାରୁ ଚାଷୀ ତଳି ପକାଇ ପାରୁନାହାଁନ୍ତି। ସରକାରୀ ସ୍ତରରେ ଚାଷର ଉନ୍ନତି ପାଇଁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଶ୍ରାବଣ ଆରମ୍ଭ ହୋଇଥିଲେ ମଧ୍ୟ ଆକାଶରେ ଝିପି ଝିପି ବର୍ଷାରେ ଚାଷଜମିର ମାଟି ଓଦା ହେଉନାହିଁ। ବିଳମ୍ବରେ ସରକାର କେନାଲରେ ପାଣି ଛାଡିଲେ ଖରିଫ ଧାନଚାଷ ଠିକ୍ ଭାବେ ଚାଷୀ କରିପାରିବେ ନାହିଁ।

କୃଷକ ନେତା ବିଜୟ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରୁ ବାହାରିଥିବା ସମସ୍ତ ଶାଖା କେନାଲଗୁଡିକର ଶଯ୍ୟା ଖନନ କରାଯାଇନାହିଁ। କେନାଲର ଦୁର୍ବଳ ବନ୍ଧଗୁଡିକ ମରାମତି ହୋଇନାହିଁ। କେନାଲ ଶଯ୍ୟା ଖନନ କରାଯାଇ ନ ଥିବାରୁ କୌଣସି ଶାଖା କେନାଲର ଶେଷ ମୁଣ୍ଡକୁ ପାଣି ପହଞ୍ଚି ପାରୁନାହିଁ। ଶାଖା କେନାଲଗୁଡିକର ଶେଷ ମୁଣ୍ଡରେ ଥିବା ଶତାଧିକ ହେକ୍ଟର ଚାଷଜମିରେ ପାଣି ମାଡି ପାରୁ ନ ଥିବାରୁ ଉକ୍ତ ଜମିଗୁଡିକ ପଡିଆ ପଡିଛି। ଶାଖା କେନାଲର ଆଉଟଲେଟଗୁଡିକ ଭାଙ୍ଗି ପଡିଥିଲେ ମଧ୍ୟ ସେଗୁଡିକ ମରାମତି କରାଯାଉନାହିଁ। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରୁ ବାହାରି ତାତନା ମାଇନର କେନାଲଟି ଉପରେ ଶତାଧିକ ପୋଲ ଓ ପାଇପ ପକାଇ ଲୋକମାନେ ବିନା ଅନୁମତିରେ ନିର୍ମାଣ କରିଥିବାରୁ ଏହି କେନାଲରେ ଜଳପ୍ରବାହରେ ବାଧା ଉପୁଜିଛି। ଏହି କେନାଲର ଶଯ୍ୟା ଆଦୌ ଖନନ କରାଯାଇନାହିଁ। କେନାଲ ସଫେଇ ଧର୍ମକୁ ଆଖିଠାର ସଦୃଶ। କେନାଲରୁ ଘାସ ଉପରୁ ଉପରୁ କାଟି ଦେଇ ନିମ୍ନମାନର ସଫେଇ କାର୍ଯ୍ୟ କରାଯାଉଥିବାରୁ ଶେଷ ମୁଣ୍ଡକୁ ଆଦୌ ପାଣି ଯାଉନାହିଁ। ତୁରନ୍ତ ସମସ୍ତ ଶାଖା କେନାଲର ପାଣି ଛାଡିବା ଦରକାର। କୃଷକ ନେତା ବ୍ରଜବନ୍ଧୁ ଦାଶ କହିଛନ୍ତି, ଚାଷୀଙ୍କ ପାଇଁ ସରକାର କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ପ୍ରକୃତରେ ଚାଷୀ ଓ ଚାଷ ଉନ୍ନତି ସରକାରଙ୍କର ଆନ୍ତରିକତା ନାହିଁ। ଯଦି ଥାଆନ୍ତା ତେବେ ଜୁଲାଇ ମାସ ଅଧା ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କେନାଲ ସଫେଇ କାର୍ଯ୍ୟ ଆରମ୍ଭ ହେଲାନାହିଁ। ଶାଖା କେନାଲଗୁଡିକରେ ପାଣି ଛଡାଯାଉନାହିଁ। ପାଣି ନ ଥିବାରୁ ଚାଷୀ ତଳି ଘେରା ଏ ପର୍ଯ୍ୟନ୍ତ ପ୍ରସ୍ତୁତି କରିପାରିନାହାନ୍ତି। ତୁରନ୍ତ ପାଣି ଛଡା ନ ଗଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ। ଚାଷୀ ରାଧେଶ୍ୟାମ ସାହୁ କହିଛନ୍ତି ତାତନା ମାଇନରୁ ମଟିଆ ପର୍ଯ୍ୟନ୍ତ ପାଣି ଆଦୌ ଯାଉନାହିଁ। ପୋଖରିଆପଡା ପାଖରୁ ମାଟିଆ ପର୍ଯ୍ୟନ୍ତ କେନାଲ କଡେ କଡେ ଘର କରି ଘରର ସମସ୍ତ ଅଳିଆ ଆବର୍ଜନାକୁ ଏହି କେନାଲ ମଧ୍ୟରେ ଲୋକେ ପକାଉଛନ୍ତି। ସେହିପରି ଅଧିକାଂଶ ଶାଖା କେନାଲରେ ଅନୁରୂପ ଅବସ୍ଥା ଦେଖାଦେଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଚାଷୀକୂଳ ବହୁ କ୍ଷତି ସହିବାକୁ ପଡୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଶାଖା କେନାଲଗୁଡିକର ଶଯ୍ୟା ଖନନ କରାଇ ମାଟି ଖୋଳାଯିବା ସହ ମୁଖ୍ୟ କେନାଲରେ ପାଣି ଛାଡିବାକୁ ଅଞ୍ଚଳର ଚାଷୀ ଦାବି କରିଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଜଳସେଚନ ଡିଭିଜନର ସହ ନିର୍ବାହୀଯନ୍ତ୍ରୀ ପ୍ରଭାତ ସାହୁଙ୍କୁ ପଚାରିବାରୁ କେନାଲରେ ପାଣି ଛଡ଼ାଯାଇଛି ବୋଲି ସେ କହିଛନ୍ତି।


ସଫେଇ ହୋଇ ନ ଥିବା କେନାଲ।

# ପୂର୍ବଶତ୍ରୁତାରୁ ୨ ପରିବାର ହାତାହାତି: ୬ ଆହତ

**ନାଉଗାଁ, ୧୫।୭(ସ୍ୱ.ପ୍ର.):**

ନାଉଗାଁ ଥାନା ଅନ୍ତର୍ଗତ ଓଷକଣା ପଞ୍ଚାୟତସ୍ଥିତ ଭଟଣା ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଶୁକ୍ରବାର ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଗୋଟିଏ ପରିବାର ଲୋକେ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବ୍ରହ୍ମାନନ୍ଦ ଜେନାଙ୍କ ପରିବାର ୬ ଜଣ ସଦସ୍ୟ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଶୁକ୍ରବାର ସକାଳେ ବ୍ରହ୍ମାନନ୍ଦଙ୍କ ପରିବାର ପକ୍ଷରୁ ବାରିପଛ ପଟ ସରକାରୀ ଜାଗାକୁ ଅପରିଷ୍କାର ପାଣି ଛଡ଼ାଯାଇଥିଲା। ଏହାକୁ କେନ୍ଦ୍ର କରି କିଛି ଲୋକେ ସେମାନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଗୁରତର ଅବସ୍ଥାରେ ବ୍ରହ୍ମାନନ୍ଦଙ୍କ ପରିବାର ଲୋକଙ୍କୁ ପ୍ରଥମେ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ର, ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ବ୍ରହ୍ମାନନ୍ଦ ବିରୋଧରେ ଉକ୍ତ ଗ୍ରାମର ଚୈତନ୍ୟ ଜେନା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ପୂର୍ବଶତ୍ରୁତାକୁ କେନ୍ଦ୍ର କରି ସକାଳ ସମୟରେ ଦାସରଥି ଜେନା, ବ୍ରହ୍ମାନନ୍ଦ ଜେନା, ରଞ୍ଜିଲତା ଜେନା, ମିନା ଜେନାଙ୍କ ପ୍ରମୁଖ ବିଭିନ୍ନ ମାରଣାସ୍ତ୍ରରେ ପରିବାର ଲୋକଙ୍କୁ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ପକ୍ଷରୁ ମାମଲା (ନଂ. ୧୫୬/୨୨) ରୁଜୁ କରାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଏସଆଇ ବିଭୂତି ଭୂଷଣ ବିଶ୍ୱାଳ ପ୍ରକାଶ କରିଛନ୍ତି। ଖବର ଲେଖା ହେଲା ବେଳକୁ ବ୍ରହ୍ମାନନ୍ଦଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

## କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର

## ସଂକ୍ଷେପରେ

### ଖଣ୍ଡପଡ଼ା ଅଞ୍ଚଳରେ ବୁଷ୍ଟର ଡୋଜ୍ ନେଲେ ଲୋକେ

**ଖଣ୍ଡପଡ଼ା,୧୫।୭(ସ୍ୱ.ପ୍ର.):** କରୋନା ସଂକ୍ରମଣ ବୃଦ୍ଧିକୁ ନଜରରେ ରଖି ଖଣ୍ଡପଡ଼ା, ନୂଆ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ୫ଟି ସ୍ଥାନରେ ବୁଷ୍ଟର ଡୋଜର ଶୁକ୍ରବାର ଦିଆଯାଇଛି। ସାଧାରଣ ଡୋଜଠାରୁ ଆରମ୍ଭ କରି ବୁଷ୍ଟର ଡୋଜ ନେବା ପାଇଁ ଯୁବକଙ୍କଠାରୁ ଆରମ୍ଭ କରି ମହିଳା ଓ ବୟସ୍କ ବ୍ୟକ୍ତିମାନଙ୍କର ଭିଡ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ପରିଲକ୍ଷିତ ହୋଇଥିଲା। ତେବେ ପ୍ରଥମ ଦିବସରେ ୧୦୬୧ ଜଣଙ୍କୁ ସାଧାରଣ ଓ ବୁଷ୍ଟର ଡୋଜ ପ୍ରଦାନ କରାଯାଇଥିବା ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭିସାର ପଣ୍ଡାଙ୍କଠାରୁ ପ୍ରକାଶ।

### ପ୍ରମାଣ ଅଭାବରୁ ୨ ଭାଇ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୫।୭:** ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ) ଶୁକ୍ରବାର ଜଣେ ପୋଲିସ କନଷ୍ଟେବଲଙ୍କୁ ହତ୍ୟା ଉଦ୍ୟମ ମାମଲାର ଶୁଣାଣି କରିଛନ୍ତି। ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଜରଡ଼ା ଥାନା ଅନ୍ତର୍ଗତ ସୁରଙ୍ଗୀ ଚୈତନ୍ୟ ଚନ୍ଦନପୁର ଗ୍ରାମର ସୁମିତ କୁମାର ପାଢୀ ଓ ତାଙ୍କ ସାନଭାଇ ଅମୀତ କୁମାର ପାଢୀ। ୨୦୧୬ ଡିସେମ୍ବର ୬ ତାରିଖରେ ସୁମିତ ଓ ତାଙ୍କ ଭାଇ କୌଣସି କାମରେ ବ୍ରହ୍ମପୁର ଆସିଥିଲେ। ସନ୍ଧ୍ୟାରେ ଉଭୟେ ଏକ ବାଇକରେ ଖଲ୍ଲିକୋଟ କଲେଜପଟୁ ସୁବାରାଓ ଛକ ଦେଇ କମାପଲ୍ଲୀ ଅଭିମୁଖେ ଯାଉଥିଲେ। ସୁବରାଓ ଛକରେ କାର୍ଯ୍ୟରତ କନଷ୍ଟେବଲ ମିନକେତନ ଦଳାଇ ସେମାନଙ୍କୁ ଅଟକାଇଥିଲେ। ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ନେଇ ସେମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ୨ ଭାଇ ମିଶି ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ ବୋଲି କନଷ୍ଟେବଲ ମିନକେତନ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୯୩/୨୨ରେ ମାମଲା ରୁଜୁ କରି ସୁମିତ ଓ ଅମିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଦୁଇ ଭାଇ ଜାମିନ ପାଇଥିଲେ। ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ଶୁକ୍ରବାର ଏହି ମାମଲାର ଶୁଣାଣି ବେଳେ ୨ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୦ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ଦାଖଲ କରିଥିବା ଚାର୍ଜଶିଟରୁ କୌଣସି ପ୍ରମାଣ ମିଳିନଥିବାରୁ ଏସିଜେଏମ ଅଭିଯୁକ୍ତ ସୁମିତ ଓ ଅମିତଙ୍କୁ ନିର୍ଦ୍ଦୋଷ ବୋଲି ରାୟ ପ୍ରକାଶ କରିଛନ୍ତି।

### କରୋନା ସଚେତନତା, ମୋ ୱାର୍ଡ କାର୍ଯ୍ୟକ୍ରମ

**ହିଞ୍ଜିଳିକାଟୁ,୧୫।୭(ଡି.ଏନ.ଏ):** ରାଜ୍ୟରେ ଦୈନିକ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଶୁକ୍ରବାରରୁ ୧୫ ବର୍ଷରୁ ଉର୍ଦ୍ଧ୍ୱଙ୍କୁ କୋଭିଡ୍ ବୁଷ୍ଟର ଟିକା ପ୍ରଦାନ କରାଯାଇଛି। କୋଭିଡ ସଂକ୍ରମଣ ବଢୁଥିବା ବେଳେ ପ୍ରତିଷେଧକ ବ୍ୟବସ୍ଥା ପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ହିଞ୍ଜିଳିକାଟୁ ପୌର ପ୍ରଶାସନ ପକ୍ଷରୁ ଶୁକ୍ରବାର ପୌରାଞ୍ଚଳ ୱାର୍ଡ ନଂ ୫ ପାଟଣାସାହି ଲକ୍ଷ୍ମୀନୃସିଂହ ମନ୍ଦିର ସମ୍ମୁଖରେ ଜନସାଧାରଣଙ୍କୁ ମୋ ୱାର୍ଡ କାର୍ଯ୍ୟକ୍ରମ ଜରିଆରେ କୋଭିଡ ସଚେତନତା ସହ ବର୍ଜ୍ୟବସ୍ତୁ ପରିଚାଳନା ଓ ପଲିଥିନ ବର୍ଜନ କରିବାକୁ ସଭା ହୋଇଥିଲା। ଉପସ୍ଥିତ ଜନସାଧାରଣଙ୍କୁ ଡିଜିଟାଲ ମିଡିଆ ସାହାଯ୍ୟରେ ଭିଡିଓ ପ୍ରଦର୍ଶନ କରାଯାଇଥିଲା।

# ହେଲ୍‌ମେଟ୍‌କୁ ହାତରେ ନୁହେଁ, ମୁଣ୍ଡରେ ପିନ୍ଧନ୍ତୁ

- ସଚେତନତା ବାର୍ତ୍ତା ବାଣ୍ଟି ଲୋକଙ୍କ ମନ ଜିଣୁଛନ୍ତି
- ପଣିକିଆ ଭାଇରାଲ ଛାତ୍ରୀ ପ୍ରୀତି ସୁଲଗ୍ନା, ଭଉଣୀ ଶ୍ରୁତି ସୁଲଗ୍ନା

**ନୟାଗଡ଼ ଅଫିସ,୧୫।୭**

ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ ଆୟୋଜିତ ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା ୨୦୨୨କୁ ଆସିଥିବା ୨୩୦ଟି ଚଳଚ୍ଚିତ୍ର ମଧ୍ୟରୁ ମାତ୍ର ୪୨ଟି ଚଳଚ୍ଚିତ୍ର ଉତ୍ସବରେ ସ୍ଥାନ ପାଇଥିଲା। ସେଥିମଧ୍ୟରୁ ନୟାଗଡ଼ର ଝିଅ ପ୍ରୀତି ସୁଲଗ୍ନା ଓ ଶ୍ରୁତି ସୁଲଗ୍ନା ନିଜ ସହପାଠୀମାନଙ୍କ ସହ ପ୍ରସ୍ତୁତ କରିଥିବା 'ହେଲ୍‌ମେଟ' ଚଳଚ୍ଚିତ୍ରଟି ସ୍ଥାନ ପାଇଛି। ଏହା ନୟାଗଡ଼ ଜିଲା ପାଇଁ ନିଶ୍ଚିତ ଏକ ଗୌରବର ବିଷୟ। ଏହି ଚଳଚ୍ଚିତ୍ରରେ ରାସ୍ତାରେ ଅମାନିଆ ଗାଡ଼ି ଚାଳକଙ୍କୁ ଦେଖି ପ୍ରୀତି ଓ ଶ୍ରୁତି ନିଜ ବିଦ୍ୟାଳୟର ସହପାଠୀମାନଙ୍କ ସହ ତାଙ୍କୁ ହେଲମେଟ ପିନ୍ଧିବାକୁ ଅନୁରୋଧ କରୁଛନ୍ତି। କିନ୍ତୁ ଅମାନିଆ କଲେଜ ପଢୁଆ ଯୁବକ, ନିଜର ଚୁଟି ଷ୍ଟାଇଲ ଖରାପ ହେଇଯିବ କହୁଛନ୍ତି। ଏଥିସହ ତୁମ୍ଭେମାନେ ଛୋଟ ପିଲା ସ୍କୁଲରେ ପଢୁଛ, ବଡ ହେଲେ ଷ୍ଟାଇଲ କ'ଣ ଜାଣିବ ବୋଲି କହୁଛନ୍ତି। ପରେ ଯୁବକ ଜଣକ ବାଇକ୍ ଚଢି ଯିବା ବେଳେ ଦୁର୍ଘଟଣାର ଶିକାର ହୋଇ ରାସ୍ତା କଡରେ ପଡ଼ନ୍ତି। ଛାତ୍ରୀମାନେ ସେହି ବାଟ ଦେଇ ଯିବା ବେଳେ ଦୁର୍ଘଟଣାଗ୍ରସ୍ତ ଯିବକଙ୍କୁ ଆମ୍ବୁଲାନ୍ସ ଡକାଇ ଡାକ୍ତରଖାନା ପଠାନ୍ତି। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରନ୍ତି। ଡାକ୍ତର ଆସି ପିଲାମାନଙ୍କୁ ଏ କ'ଣ ତୁମ ସମ୍ପର୍କୀୟ ବୋଲି ପଚାରନ୍ତି। ଏହି ସମୟରେ ପରିବାର ଲୋକେ ପହଞ୍ଚି ପୁଅର ମୃତ୍ୟୁକୁ ନେଇ ମ୍ରିୟମାଣ ହୁଅନ୍ତି। ଯୁବକ ଜଣକ କଲେଜ ଛାତ୍ର ହୋଇଥିବା ବେଳେ ବୟସ ତାଙ୍କର ୧୭ ବର୍ଷ। ଏ ବୟସରେ କ'ଣ ପାଇ ତାଙ୍କୁ ବାଇକ୍ ଚଳାଇବାକୁ ଦେଇଥିଲ ବୋଲି ଡାକ୍ତର ପଚାରିବାରୁ ସେ ବେଳେ ବେଳେ ଭାଇର ବାଇକ୍ ନେଇ ଚଳାଏ ବୋଲି ପରିବାର ଲୋକ କହିଛନ୍ତି।

ତେଣୁ ହେଲମେଟ ନ ପିନ୍ଧି ବାଇକ୍ ଚଳାଇବା ଜୀବନ ପ୍ରତି ଥିବା ବିପଦକୁ ସଚେତନତା ମୂଳକ କ୍ଷୁଦ୍ର ଚଳଚ୍ଚିତ୍ର 'ହେଲମେଟ'ରେ ଏହା ଦର୍ଶାଯାଇଛି। ଏହି ଚଳଚ୍ଚିତ୍ର ହିନ୍ଦୀ ଓ ଓଡ଼ିଆ ଭାଷାରେ ଛାତ୍ରୀ ଦ୍ୱୟ ପ୍ରସ୍ତୁତ କରିଛନ୍ତି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦଶପଲ୍ଲା ଓ ରାଧାମୋହନ ଜୀଉ ନୋଡାଲ ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଅଭିଭାବକ। ପୂର୍ବରୁ ଟ୍ରାଫିକ ଆଦର୍ଶ ବିଦ୍ୟାଳୟ ନୋତର, ନୟାଗଡ଼ର ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ନେଇ ସଡ଼କ ସୁରକ୍ଷା ସଚେତନତାର ଏକ ଭିଡିଓ ପ୍ରସ୍ତୁତ କରି ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦଶପଲ୍ଲାର ସଙ୍ଗୀତ ଶିକ୍ଷକ କୁରେଶ ଚନ୍ଦ୍ର ସାହୁ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବାବେଳେ ଏହାର କାହାଣୀ ଓ ପରିକଳ୍ପନା କରିଛନ୍ତି ରାଧାମୋହନ ଜୀଉ ନୋଡାଲ ଉଚ୍ଚବିଦ୍ୟାଳୟର ସଙ୍ଗୀତ ଶିକ୍ଷୟିତ୍ରୀ ଶୁଭଶ୍ରୀ ସନମ୍ ଦାଶ। ଅନ୍ୟାନ୍ୟ ଭୂମିକାରେ ଆଦର୍ଶ ବିଦ୍ୟାଳୟ ଦଶପଲ୍ଲାର ଛାତ୍ରୀ ଅର୍ପିତା, ମନୋସ୍ମିତା ଏବଂ ରାଧାମୋହନ ଜୀଉ ନୋଡାଲ ଉଚ୍ଚବିଦ୍ୟାଳୟର ଛାତ୍ରୀ ଶୀତଲ ଓ ପୂଜା ଅଭିନୟ କରିଛନ୍ତି। ସେମାନଙ୍କ ସହ ଡାକ୍ତର ଭୂମିକାରେ ଚିନ୍ମୟ ବେହେରା ଅଭିନୟ କରିଥିବା ବେଳେ ସ୍ୱର୍ଣ୍ଣଲତା ବେହେରା, ପ୍ରଦୀପ କୁମାର ପ୍ରଧାନ, ପିଙ୍କି ନାୟକ, ସୁଧାଂଶୁ ଶେଖର ପରିଡ଼ା, ସ୍ମୃତି ରଞ୍ଜନ ଦାଶ ମଧ୍ୟ ସୁନ୍ଦର ଅଭିନୟ କରିଛନ୍ତ। ନିଜ ସାଙ୍ଗସାଥୀ, ଶିକ୍ଷୟତ୍ରୀଶିକ୍ଷକ ଏବଂ ଅଭିଭାବକଙ୍କ ସହଯୋଗରେ ଆଗକୁ ଓଡ଼ିଆ ହିନ୍ଦୀ ଏବଂ ଇଂଲିଶ ଭାଷାରେ ମଧ୍ୟ ଅନେକ ଶିକ୍ଷା ଓ ସଚେତନତା ମୂଳକ ଭିଡ଼ିଓ ପ୍ରସ୍ତୁତ କରିବାର ଲକ୍ଷ୍ୟ ରଖିଥିବା ଛାତ୍ରୀ ଦ୍ୱୟ କହିଛନ୍ତି। ଏବେ ପ୍ରୀତି ଦ୍ୱିତୀୟରେ ପଢୁଥିବା ବେଳେ ଶ୍ରୁତି ଷଷ୍ଠ ଶ୍ରେଣୀରେ ପଢୁଛନ୍ତି।



ହେଲମେଟ୍‌କୁ ନେଇ କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରିଥିବା ପ୍ରୀତି ସୁଲଗ୍ନା ଓ ଶ୍ରୁତି ସୁଲଗ୍ନା।

## ଗଞ୍ଜାମରେ ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ

**ବ୍ରହ୍ମପୁର ଅଫିସ,୧୫।୭**

ଗଞ୍ଜାମ ଜିଲାରେ ଚଳିତବର୍ଷ ପ୍ରଥମ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି। ଡେଙ୍ଗୁରେ ଆକ୍ରାନ୍ତ ମହିଳା ଜଣଙ୍କ ଭୁବନେଶ୍ୱରରେ ପରିବାର ସହ ରହୁଥିଲେ। ସେଠାରେ ତାଙ୍କୁ ଜ୍ୱର ହୋଇଥିଲା। ସେ ନିଜ ଘର ଗଞ୍ଜାମ ଅଞ୍ଚଳକୁ ପରିବାର ସହ ଗତ ୧୨ ତାରିଖରେ ଫେରିଥିଲେ। ଜ୍ୱର ନ କମିବାରୁ ଗତ ଗୁରୁବାର ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇ ଡେଙ୍ଗୁ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ତେବେ ମହିଳା ଜଣଙ୍କ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ରାତିରେ ଜଣାପଡ଼ିଥିଲା ବୋଲି ଜିଲା ସ୍ୱାସ୍ଥ୍ୟାଧିକାରୀ ଡା. ଉମାଶଙ୍କର ମିଶ୍ର ଶୁକ୍ରବାର ସୂଚନା ଦେଇଛନ୍ତି। ଡେଙ୍ଗୁ ଆକ୍ରାନ୍ତ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଗଞ୍ଜାମ ବ୍ଲକର ଏକ ସ୍ୱାସ୍ଥ୍ୟ ଟିମ ତାଙ୍କ ଗାଁକୁ ଯାଇ ସ୍ଥିତି ଯାଞ୍ଚ କରିବା ସହ ସ୍ଥାନୀୟ ଜନସାଧାରଣଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରିଥିଲେ। ସେହିପରି ଖାଲୁଆ ସ୍ଥାନରେ ଦୀର୍ଘଦିନ ଧରି ଜମି ରହୁଥିବା ସ୍ଥାନଗୁଡ଼ିକରେ ଏଡିସ୍ ମଶାର ଲାର୍ଭା ଅଛି କି ନାହିଁ ତାହା ମଧ୍ୟ ଯାଞ୍ଚ କରିଥିଲେ। ନାଳ ଓ ଖାଲୁଆ ଅଞ୍ଚଳରେ ଜମି ରହିଥିବା ପାଣିରେ ମଶା ନିପାତ ପାଇଁ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଟିମ ପରାମର୍ଶ ଦେଇଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

## ଅଗଷ୍ଟ ୨ରେ ଅର୍ବାନ ବ୍ୟାଙ୍କ ଉପସଭାପତି ନିର୍ବାଚନ

**ବ୍ରହ୍ମପୁର ଅଫିସ,୧୫।୭**

ବ୍ରହ୍ମପୁର ସମବାୟ ଅର୍ବାନ (ସହରାଞ୍ଚଳ) ବ୍ୟାଙ୍କର ଉପସଭାପତି ନିର୍ବାଚନ ଆସନ୍ତା ଅଗଷ୍ଟ ୨ ତାରିଖରେ ଅନୁଷ୍ଠିତ ହେବ। ଏନେଇ ଜୁଲାଇ ୧୫ରେ ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଦିନକ ପୂର୍ବରୁ ୧ ତାରିଖରେ ନାମାଙ୍କନ ଦାଖଲ ହେବ ଏବଂ ସେହି ଦିନ ପ୍ରାର୍ଥିପତ୍ର ଯାଞ୍ଚ ସହ ପ୍ରତ୍ୟାହାର ହେବ। ବ୍ୟାଙ୍କ ପରିଚାଳନା ପରିଷଦକୁ ୧୪ ଜଣ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୬ ମହିଳା ଅଛନ୍ତି। ବିଧି ଅନୁସାରେ ତନ୍ମଧ୍ୟରୁ ଜଣେ ଉପସଭାନେତ୍ରୀ ହେବେ। ଅନ୍ୟକ୍ଷରେ ବ୍ରହ୍ମପୁରର ୧୧୬ ବର୍ଷର ଏହି ସମବାୟ ବ୍ୟାଙ୍କ ପରିଚାଳନା ଦାୟିତ୍ୱ ପୁଣି ଶାସକ ବିଜେଡି ଦଖଲକୁ ଯାଇଛି। ଯୁବ ବିଜେଡି ନେତା ଆର.ମୁରଲୀ ମୋହନ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସଭାପତି ନିର୍ବାଚିତ ହୋଇଛନ୍ତି। ଯେଉଁ ୬ ମହିଳା ନିର୍ଦ୍ଦେଶିକା ହୋଇଛନ୍ତି ସେମାନେ ମଧ୍ୟ ବିଜେଡି ସମର୍ଥକ ବୋଲି କୁହାଯାଇଛି। ବିଜ୍ଞପ୍ତି ପ୍ରକାଶ ପରେ ଆଶାୟୀଙ୍କ ପକ୍ଷରୁ ଶୁକ୍ରବାରରୁ ଲବି ଆରମ୍ଭ ହୋଇଯାଇଛି। କାହାକୁ ଉପସଭାନେତ୍ରୀ କରାଯିବ ବିଧାୟକ, ଏମପି ଓ ଜିଲା ବିଜେଡି ସଭାପତି ମିଳିତ ଆଲୋଚନା କରି ନିଷ୍ପତ୍ତି ନେବେ। ନିର୍ଦ୍ଦେଶିକା ଭାବେ ନିର୍ବାଚିତ ହୋଇଥିବା ମହିଳାଙ୍କ ମଧ୍ୟରେ ପୂର୍ବ ପରିଚାଳନା ପରିଷଦର ଉପସଭାନେତ୍ରୀ ଜ୍ୟୋତି ସୁବୁଦ୍ଧି ଅଛନ୍ତି। ପ୍ରମିତା ବେହେରା ଓ ଲିଲି କୁମାରୀ ବେହେରା ପୂର୍ବତନ ନିର୍ଦ୍ଦେଶିକା। ଆଉ ୩ ଜଣ ପ୍ରଥମ କରି ନିର୍ବାଚିତ ହୋଇଛନ୍ତି। ପୁରୁଣା ନା ନୂଆଁ ମୁହଁକୁ ଉପସଭାନେତ୍ରୀ କରାଯିବ ସେନେଇ ବିଜେଡି ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଶିକ୍ଷାଗତ ଯୋଗ୍ୟତା ଓ ଦଳ ପାଇଁ ସମର୍ପିତ ମହିଳାଙ୍କୁ ସୁଯୋଗ ମିଳିବାର ସମ୍ଭାବନା ଥିବା ପ୍ରାକ୍ ସୂଚନା ମିଳିଛି।

# ନୟାଗଡ଼ ଜିଲାରେ ବୁଷ୍ଟର ଡୋଜ୍‌ର ଶୁଭାରମ୍ଭ


ଜଣେ ବ୍ୟକ୍ତି ବୁଷ୍ଟର ଡୋଜ ନେଉଛନ୍ତି।

**ନୟାଗଡ଼ ଅଫିସ,୧୫।୭**

ନୟାଗଡ଼ ଜିଲାରେ ଶୁକ୍ରବାର ପୂର୍ବାହ୍ନରେ ୧୮ବର୍ଷରୁ ୫୯ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ନାଗରିକଙ୍କୁ ବୁଷ୍ଟର ଡୋଜ ମାଗଣା ଦିଆଯିବାର ଶୁଭାରମ୍ଭ କରାଯାଇଛି। ଏ ନେଇ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଗୋଲଡେନ ଜୁବିଲି କନ୍‌ଫେରେନ୍ସ ହଲଠାରେ ଜିଲାପାଳ ପୋମା ଟୁଡୁ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିନିମନ୍ତେ ଏକ ବୈଠକ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଜିଲାପାଳ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ମହାବିଦ୍ୟାଳୟର କର୍ମଚାରୀ, ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇଥିଲେ। ସେ କହିଥିଲେ, ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, କର୍ମଚାରୀ ଓ ସେମାନଙ୍କ ପରିବାର ତଥା ଜିଲାର ସମସ୍ତ ନାଗରିକ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଉଥିବା ଏହି ବୁଷ୍ଟର ଡୋଜ ନେଇ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରନ୍ତୁ। ଜିଲାରେ ବହୁ ବରିଷ୍ଠ ନାଗରିକ (୬୦ବର୍ଷରୁ ଉର୍ଦ୍ଧ୍ୱ) କୋଭିଡ -୧୯ ପ୍ରତିରୋଧକ ଡୋଜ୍ ନେଉ ନ ଥିବା ଦୃଷ୍ଟିକୁ ଆସିଛି। ତେଣୁ ସେମାନଙ୍କୁ ସଚେତନ କରାଇ ପ୍ରତିରୋଧକ ଡୋଜ୍ ନେବାକୁ ପ୍ରବର୍ତ୍ତାଇବେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା କହିଥିଲେ, କେନ୍ଦ୍ର ସରକାରଙ୍କ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଜୁଲାଇ ୧୫ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୭୫ଦିନ ପର୍ଯ୍ୟନ୍ତ ୧୮ବର୍ଷରୁ ୫୯ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ନାଗରିକଙ୍କୁ ବୁଷ୍ଟର ଡୋଜ ମାଗଣାରେ ଦିଆଯିବା ନିମନ୍ତେ ଘୋଷଣା କରିଛନ୍ତି। ଏହି ଟିକା କାର୍ଯ୍ୟକ୍ରମ ଶୁକ୍ରବାରଠାରୁ ଜିଲାର ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଆରମ୍ଭ କରାଯାଉଛି। ତତ୍‌ସହିତ ଏହି କାର୍ଯ୍ୟକ୍ରମ ଜିଲାର ସମସ୍ତ ବ୍ଲକର ପିଏଚସି ଓ ସିଏଚସିକୁ ସମ୍ପ୍ରସାରଣ କରାଯିବ ବୋଲି ସେ କହିଛନ୍ତି।

## ସୂର୍ଯ୍ୟ କନ୍ଧ ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତ ଗିରଫ

**ଖଣ୍ଡପଡ଼ା,୧୫।୭ (ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ ଗଡିଆସାହି ପଞ୍ଚାୟତ ପଥରଗଣ୍ଡ ଗାଁର ବାନାମ୍ବର ମାଝିଙ୍କୁ ସୂର୍ଯ୍ୟ କନ୍ଧ ହତ୍ୟା ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗରେ ପୋଲିସ ଶୁକ୍ରବାର ସ୍ଥାନୀୟ ଅଞ୍ଚଳରୁ ଗିରଫ କରିଛି। ଗିରଫ ପରେ ମାଝିଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ଯିବାକୁ ପଡିଛି। ସୂଚନାଯୋଗ୍ୟ, ୨୦୨୨ ଜୁନ ୧୩ରେ ହନୁମାନ ପଇସା ର୍ୟାକେଟରେ ସମ୍ପୃକ୍ତ ଥିବା ୧୦ରୁ ୧୫ଜଣ ବ୍ୟକ୍ତି ଖଣ୍ଡପଡ଼ା ଥାନା ଅଧୀନ କିଆଝର ପଞ୍ଚାୟତର ଭଅଁରପଲ୍ଲୀ ଗ୍ରାମ ନିକଟରେ ସମ୍ବଲପୁର ଜିଲାର ହୀରାକୁଦ ଶକ୍ତି ନଗର ନିବାସୀ ସୂର୍ଯ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସର୍ବେଶ୍ୱର ବିଶ୍ୱାଳଙ୍କ ସମେତ ପୂର୍ବରୁ ୪ଜଣଙ୍କୁ ଗିରଫ କରି ଜେଲ ପଠାଇଥିଲା। ସୂଚନାଯୋଗ୍ୟ, ହତ୍ୟା ଘଟଣାରେ ଗିରଫ ଅନ୍ୟତମ ଅଭିଯୁକ୍ତ ବାନାମ୍ବର ଏଥି ପୂର୍ବରୁ ସିଂଘାପଡାସ୍ଥିତ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପରେ ୨୦୨୧ ଜାନୁୟାରୀ ୧୪ ମଧ୍ୟ ରାତ୍ରିରେ ବୋମା ବିସ୍ଫୋରଣ କରି ଜେଲ ଯାଇଥିବା ଜଣାଯାଇଛି।

## ହିତାଧିକାରୀଙ୍କୁ ଭତ୍ତା, ପାସ୍‌ବୁକ୍ ବଣ୍ଟନ

**ଖଣ୍ଡପଡ଼ା,୧୫।୭ (ସ୍ୱ.ପ୍ର.)**

**ଖଣ୍ଡପଡ଼ା ଏନ୍‌ଏସି**

ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସହରାଞ୍ଚଳର ୧୦ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା, ବ୍ୟାଙ୍କ ପାସ ବହି ବଣ୍ଟନ କରାଯାଇଛି। ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ ହିତାଧିକାରୀମାନଙ୍କୁ ଏହା ବଣ୍ଟନ କରିଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ଓ ଏନ୍‌ଏସି କର୍ମଚାରୀମାନେ ଉପସ୍ଥିତ ଥିଲେ।



ଏନ୍‌ଏସି ଅଧ୍ୟକ୍ଷା ନୂଆ ହିତାଧିକାରୀଙ୍କୁ ଭତ୍ତା ଓ ରାଶନ କାର୍ଡ ପ୍ରଦାନ କରୁଛନ୍ତି।

## ଆଇଟିଆଇରେ ବିଶ୍ୱ ଯୁବ ଦକ୍ଷତା ଦିବସ



ଅତିଥିଙ୍କ ଦ୍ୱାରା ନିଯୁକ୍ତି ପତ୍ର ପ୍ରଦାନ କରାଯାଉଛି।

**ବ୍ରହ୍ମପୁର ଅଫିସ,୧୫।୭**

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ପକ୍ଷରୁ ଅଡିଟୋରିୟମ ହଲରେ ଶୁକ୍ରବାର ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ କୁଳପତି ଗୀତାଞ୍ଜଳି ଦାଶ ଯୋଗ ଦେଇଥିଲେ। ଭାରତ ବର୍ତ୍ତମାନ ବିଶ୍ୱର ଦକ୍ଷତାର ରାଜଧାନୀ ହେବାକୁ ଯାଉଛି। ଦକ୍ଷତା ବିକାଶ କ୍ଷେତ୍ରରେ ଆଇଟିଆଇ ଛାତ୍ରୀଛାତ୍ରଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁଳପତି କହିଥିଲେ। ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦକ୍ଷତାକୁ ଦେଇ ବହୁ କମ୍ପାନୀ ପରୀକ୍ଷା ଆରମ୍ଭରୁ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ କରୁଥିବା ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହି ଅବସରରେ ଟିଭିଏସ ଓ ଚେନ୍ନାଇରେ ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା।

# ବର୍ଷାଦିନରେ ବି ଡାକଢୋଲବାସୀଙ୍କ ଚୁଆପାଣି ଭରସା

**ରାଜରାସ୍ତାକୁ ଓହ୍ଲାଇଲେ ଗ୍ରାମବାସୀ**

**ନୂଆଗାଁ, ୧୫।୭ (ଡି.ଏନ.ଏ.)**

ଲୋକଙ୍କ ସମସ୍ୟା ଦୂର କରିବାକୁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି। ବିଭିନ୍ନ ସମସ୍ୟା ମଧ୍ୟରେ ପାନୀୟ ଜଳ ପ୍ରମୁଖ। ସେଥିପାଇଁ ସରକାର ଅଧିକ ଗୁରୁତ୍ୱ ଦେବା ସହ ପ୍ରତି ଗାଁକୁ କିଭଳି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ସ୍ୱାଧୀନତାର ୭୫ ବର୍ଷ ପରେ ବି ନଦୀର ଚୂଆ ପାଣିକୁ ଆଶ୍ରା କରି ଲୋକମାନେ ପାନୀୟ ଜଳ ଟୋପାଏ ପାଇଁ ସଂଘର୍ଷ କରୁଛନ୍ତି। ଏପରି କି ବାରମ୍ବାର ଗୁହାରୀ ପରେ ନେତା କିମ୍ବା ପ୍ରଶାସନ ନ ଶୁଣିବାରୁ ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହୋଇଛନ୍ତି ଗ୍ରାମବାସୀ। ଏପରି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗାତେରୀ ପଞ୍ଚାୟତର ଡାକଢୋଲ ଗ୍ରାମରେ।

ଡାକଢୋଲ ଗାଁରେ ୨୦ଟି ପରିବାରର ପ୍ରାୟ ୮୦ ଜଣ ଲୋକ ବସବାସ କରୁଛନ୍ତି। ସେମାନଙ୍କ ବ୍ୟବହାର ନିମନ୍ତେ ଦୀର୍ଘବର୍ଷ ହେଲା ୨ ଗୋଟି ନଳକୂଅ ଖୋଳାଯାଇଥିଲା। ସେଥିରୁ କାଳକ୍ରମେ ଗୋଟିଏ ନଳକୂଅ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିବା ବେଳେ ଅନ୍ୟଟି ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଗାଧୋଇବା ପାଇଁ ପୋଖରୀଟିଏ କିମ୍ବା ପିଇବା ପାଣି ପାଇଁ ନଳକୂଅଟିଏ ନ ଥିବାରୁ ଲୋକମାନେ ଗାଁ ପାଖରେ ଯାଇଥିବା ଡାହୁକା ନଦୀ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି। ପ୍ରତିଦିନ ନଦୀରେ ଗାଧୋଉଥିବା ବେଳେ ପିଇବା ପାଇଁ ନଦୀ ବାଲିରେ ଚୂଆ ଖୋଳି ପିଇବା ପାଇଁ ପାଣି ଆଣୁଛନ୍ତି। ଏ ଘଟଣା ଦିନେ କି ଦୁଇ ଦିନର ନୁହେଁ। ଦୀର୍ଘବର୍ଷ ହେଲା ଏପରି ସମସ୍ୟା ଲାଗି ରହିଥିବାବେଳେ କିଛିଦିନ ହେଲା ସ୍ଥାନୀୟ ଲୋକ ପାଣି ଆଣିବା ବାଟରେ କଣ୍ଟା ଦେଇ ବାଟ ବନ୍ଦ କରି ଦିଆଯାଇଛି। ଫଳରେ ଡାକଢୋଲବାସୀଙ୍କ ଶେଷ ଭରସା ନଦୀକୁ ଯିବା ବନ୍ଦ ହୋଇ ଯାଇଛି। ଲୋକମାନେ ଗାଧୋଇବା କିମ୍ବା ପିଇବା ପାଇଁ ପାଣି ଟୋପାଏ ନ ପାଇ ଆନ୍ଦୋଳନାର ପନ୍ଥା ଆପଣାଇ ଡାକଢୋଲ ନୂଆସାହିର ମହିଳାମାନେ ଗରା ମାଠିଆ ଧରି ଶୁକ୍ରବାର ସକାଳ ୬ଟାରୁ ମହୀପୁର-ବାହାଡାଖୋଲା ରାସ୍ତା ଅବରୋଧ କରିଥିଲେ। ଖବରପାଇ ନୂଆଗାଁ ତହସିଲଦାର ପ୍ରଳୟାନନ୍ଦ ଶତପଥୀ, ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ, ନୂଆଗାଁ ବ୍ଲକ ଅଦ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଯଥା ସମ୍ଭବ ଶୀଘ୍ର ପାନୀୟ ଜଳର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେବାରେ ଦୀର୍ଘ ୩ ଘଣ୍ଟା ପରେ ଆନ୍ଦୋଳନ ହଟିଥିଲା।


ମହିଳାମାନେ ଚୁଆରୁ ପାଣି ନେଉଛନ୍ତି।


ରାଜରାସ୍ତାରେ ମହିଳାମାନେ ଗରା ମାଠିଆ ରଖି ଆନ୍ଦୋଳନ କରୁଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

**ଭାପୁର,୧୫।୭ (ଡି.ଏନ.ଏ.):** ଫତେଗଡ ଥାନା ଅନ୍ତର୍ଗତ ରାଣୀଛେଳି ପଞ୍ଚାୟତ ଅଧୀନ ଗୋହିରିଆ ଗାଁର ଜଣେ ଯୁବକଙ୍କ ବାଇକ୍‌ରୁ ପଡି ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ଗୋହିରିଆ ଗାଁର ଈଶ୍ୱର ବେହେରାଙ୍କ ଏକମାତ୍ର ପୁତ୍ର ଚନ୍ଦନ(୨୨)। ଜୁନ ୨୪ ତାରିଖରେ ମାରଡା କେନ୍ଦୁପଲ୍ଲୀ ରାସ୍ତାରେ ମଙ୍ଗଳରପୁର ଗାଁର ଜଣେ ଯୁବକଙ୍କ ସହ ବାଇକ୍‌ରେ ଚନ୍ଦନ ଘରକୁ ଫେରୁଥିଲେ। ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଦୁଇଜଣ ଗୁରୁତର ସହ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଚନ୍ଦନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ଗାଁରେ ପହଞ୍ଚି ଥିଲା। ଗାଁରେ ଶୋକାକୁଳ ପରିବେଶ ମୃତଦେହକୁ ଶ୍ମଶାନ ସଂସ୍କାର କରାଯାଇଛି।

### ବାଇକ୍ ସହ ଦେଶୀ ମଦ ଜବତ

ନୟାଗଡ଼ ଅଫିସ,୧୫।୭
ନୟାଗଡ଼ ସଦର ଥାନା ପୋଲିସ ବାଇକ୍ ସହ ଖଣ୍ଡପଡ଼ା ଥାନା ଯୋଗିଆପଲ୍ଲୀ ଗାଁର ବିଭୂତି ଭୂଷଣ ମଣ୍ଡଳ(୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ବିଭୂତିଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ବିଭୂତି ନୟାଗଡ ସଦର ଥାନା ଅଞ୍ଚଳରେ ବେଆଇନ ଭାବେ ଦେଶୀ ମଦ କାରବାର କରୁଥିଲେ। ବିଭୂତିଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ କରିଥିଲା। ନଂ. ଓଆର୨୫ବି ୯୯୦୩ ବାଇକ୍ ଯୋଗେ ୫୦ ଲିଟର ଦେଶୀ ମଦ ପାଉଚ୍ ଧରି ବିଭୂତି ଆସୁଥିବାବେଳେ ଯଦୁପୁରଠାରୁ ପୋଲିସ ତାଙ୍କୁ ଧରି ଥିଲା। ଏ ନେଇ ପୋଲିସ ନଂ. ୧୦୬/୨୨ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ସେହିପରି ରାୟପୁର ଡ଼ିପିସାହି ସୁରଥ ନାହାକଙ୍କ ଘରୁ ୭ ଲିଟର ଦେଶୀ ମଦ ଶୁକ୍ରବାର ଜବତ ହୋଇଛି। ଏ ନେଇ ପୋଲିସ ନଂ. ୧୦୭/୨୨ରେ ମାମଲା ରୁଜୁ କରି ସୁରଥଙ୍କୁ ଗିରଫ କରିଛି। ସୁରଥଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ।

### ଯକ୍ଷ୍ମା ସଚେତନତା

**ନୟାଗଡ଼ ଅଫିସ,୧୫।୭:** ନୟାଗଡ଼ ବ୍ଲକର ପାଣିପୋଇଲାସ୍ଥିତ ମିଲେନିୟମ କଲେଜ ଓ ଅଗ୍ରଦୂତ ସ୍କୁଲ ଅଫ ନର୍ସିଂଠାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ବିଭୂତି ଭୂଷଣ ପଟ୍ଟନାୟକ, ଜିଲା ସଂଯୋଜକ ଦିଲୀପ ପ୍ରଧାନ ଓ ଦିଲୀପ ଦଳବେହେରା ଯୋଗଦେଇ ଯକ୍ଷ୍ମାରୋଗ ନେଇ ଛାତ୍ରୀଛାତ୍ରଙ୍କୁ ସଚେନତ କରାଇଥିଲେ। ଯକ୍ଷ୍ମାରୋଗୀ ନିୟମିତ ଔଷଧ ଖାଇବା, ନିଶା ଦ୍ରବ୍ୟ ସେବନ ନ କରିବା, ପରିସ୍କାର ପରିଛନ ରହିବାକୁ ପରାମର୍ଶ ଦେଇଥିଲେ।

### କଲେଜରେ ଔଷଧୀୟ ଚାରାରୋପଣ

**ନୟାଗଡ଼ ଅଫିସ,୧୫।୭:** ନୟାଗଡ଼ର ସରକାରୀ ମଡେଲ ଡିଗ୍ରୀ କଲେଜରେ ଔଷଧୀୟ ଚାରାରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଦ୍ଭିଦ ବିଜ୍ଞାନ ପାଇଁ ଆବଶ୍ୟକ ଔଷଧୀୟ ଏବଂ ଫୁଲ ଫଳ ବୃକ୍ଷ ମାନ ରୋପଣ କରାଯାଇଥିଲା। ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ମାନସ ରଞ୍ଜନ ଶତପଥୀଙ୍କ ନେତୃତ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ନୀଳାଞ୍ଚଳ ସେଠୀ ଯୋଗ ଦେଇଥିଲେ। ଏଥିରେ ବିଭାଗର ଛାତ୍ରଛାତ୍ର ତଥା କଲେଜର ଅନ୍ୟ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଔଷଧୀୟ ବୃକ୍ଷ ରୋପଣ କରାଯାଇଛି। ଏଥିରେ ମହାବିଦ୍ୟାଳୟର ଅନ୍ୟ କର୍ମଚାରୀଙ୍କ ସମେତ ଗୌର ମୋହନ ସାହୁ ଓ ନାରାୟଣ ସୁରଜିତ ବେହେରା ଉପସ୍ଥିତ ଥିଲେ ।

### ବସ୍ ଦୁର୍ଘଟଣା

**ନୟାଗଡ ଅଫିସ,୧୫।୭:** ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ପଞ୍ଚୁସରର ସୀମାନ୍ତ ଅଞ୍ଚଳରେ ଘରୋଇ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଶୁକ୍ରବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ରେ ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ ମଧ କେହି ଆହତ ହୋଇ ନାହାନ୍ତି। ବସ୍‌ଟି ନିକଟସ୍ଥ ବିଲ ଓ ରାସ୍ତାରେ ଝୁଲି ରହିଥିଲା। ବସ୍‌ଟି ଭୁବନେଶ୍ୱରରୁ ନୟାଗଡ ଆସୁଥିଲା। ବାଟରେ ଷ୍ଟେରିଂ କଟି ଯାଇଥିଲା ବୋଲି ଜଣାପଡିଛି। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି।

# ଜିଲାପାଳଙ୍କୁ କୃଷକ ସଂଘର ଦାବିପତ୍ର ପ୍ରଦାନ

**ଛତ୍ରପୁର,୧୫।୭(ଡି.ଏନ.ଏ.)**


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାଷୀମାନେ।

ପୁରୁଷୋତ୍ତମପୁର ଅଞ୍ଚଳର ଚାଷଜମିକୁ ଜଳସେଚନ ସମସ୍ୟାର ସମାଧାନ ଓ ବିଲ୍ଡର ତଥା ଅସାଧୁ ବ୍ୟକ୍ତିଙ୍କ ଅକ୍ତିଆରରେ ଥିବା ନାଳ ଏବଂ ସରକାରୀ ଜମି ଉଦ୍ଧାର ଦାବି ନେଇ ଶୁକ୍ରବାର ସ୍ୱପ୍ନେଶ୍ୱର କୃଷକ ସଂଘ ପକ୍ଷରୁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସବମାଇନର ଗେଟ ନଂ.୨୨ରୁ ବାହାରିଥିବା ନାଳ (ଧାଡିଆମ୍ବନାଳ) ସମ୍ପୂର୍ଣ୍ଣ ପୋତି ହୋଇଯାଇଛି। ଏହାର ସୁବ୍ୟବସ୍ଥା କରିବା, ସବମାଇନର ଗେଟ ନମ୍ବର ୨୧ ବିଏସଏନଏଲ ଅଫିସ ଠାରୁ ଅଙ୍କୁଳା ବନ୍ଧ ଦେଇ କାଠୁଆ ନାଳ ପର୍ଯ୍ୟନ୍ତ ନାଳ ଉଦ୍ଧାର କରି କାର୍ଯ୍ୟକ୍ଷମ କରିବାକୁ ଦାବି ଉଲ୍ଲେଖ କରାଯାଇଛି। ସେହିପରି ପୁରୁଷୋତ୍ତମପୁର ଏନଏସି ନାଳର ମଇଳା ପାଣି ବିଏସଏନଏଲ ଅଫିସଠାରୁ ଯାଇ ବିଲରେ ପଶି ଫସଲ ନଷ୍ଟ ହେଉଛ। ଏନଏସି କର୍ତ୍ତୃପକ୍ଷଙ୍କୁ ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ ଏହାର କୌଣସି ସମାଧାନ କରାଯାଉନାହିଁ । ଏନଏସିର ଉକ୍ତ ମଇଳା ପାଣିକୁ କାଠୁଆ ନାଳରେ ପକାଇବା ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ କାଳି ମନ୍ଦିର ଛକଠାରୁ ବଡଶଙ୍ଖ କାଠୁଆ ନାଳ ପର୍ଯ୍ୟନ୍ତ ଆସ୍କା– ହୁମ୍ମା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରୁ ନାଳକୁ ସଫା କରାଯାଇଥିଲେ ମଧ ପାଣି ସମ୍ପୂର୍ଣ୍ଣ ନିଷ୍କାସନ ହୋଇପାରୁ ନାହିଁ । ପୋତି ହୋଇ ରହିଥିବା ଅନ୍ୟ କେତେଟି ନାଳ କିଛି ପ୍ଲଟ ବେପାରୀ ନିଜ ଅକ୍ତିଆରରେ ରଖିଛନ୍ତି, ଯାହାଫଳରେ ପାଣି ନିଷ୍କାସନ ନ ହୋଇ ଫସଲ ନଷ୍ଟ ହେଉଛି । ବଡଶଙ୍ଖ ଉପରକୁ ଥିବା ଲୁଙ୍ଗି ଘାଇ (ଜଳାଧାର) ସମ୍ପୂର୍ଣ୍ଣ ପୋତି ହୋଇଯାଇଛି । ଉକ୍ତ ନାଳକୁ ପୁନରୁଦ୍ଧାର କରିବାକୁ ଦାବି ହୋଇଛି। କାଠୁଆ ନାଳର ବଡଶଙ୍ଖ, ଚଡୁରା ନାଳ ଓ ଆଙ୍କୁଳା ନାଳର ଉଚିତ ଜାଗା ନିର୍ଦ୍ଧାରଣ ନିମନ୍ତେ ଜଗନ୍ନାଥପୁର ଡ୍ରେନେଜ ଡିଭିଜନ ତରଫରୁ ପୁରୁଷୋତ୍ତମପୁର ତହସିଲଦାରଙ୍କ ନିକଟରେ ଡିମାରକେସନ ପାଇଁ ବହୁବାର ଆବେଦନ କରାଯାଉଛି । କିନ୍ତୁ ସ୍ଥାନୀୟ ତହସିଲଦାର ସେ ଦିଗରେ କୌଣସି ପ୍ରକାର ଦୃଷ୍ଟି ଦେଉନାହାନ୍ତି ବୋଲି ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସ୍ୱପ୍ନେଶ୍ୱର କୃଷକ ସଂଘର ସଭାପତି ଆଇ. ମୁକୁନ୍ଦ ରାଓ, ସମ୍ପାଦକ କିଶୋର ଚନ୍ଦ୍ର ସାସମଲ, ମନ ମୋହନ ପାଢୀ, ଲକ୍ଷ୍ମୀ ଚରଣ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଗୌଡ, ବାବୁ ବେହେରା, ଗଦାଧର ସାହୁ ଓ ପ୍ରଶାନ୍ତ ବେହେରାଙ୍କ ସମେତ ବହୁ ଚାଷୀ ମାନେ ଉପସ୍ଥିତ ଥିଲେ ।

# ମହାନଦୀକୁ ଗାଧୋଇବାକୁ ଯାଇ ନିଖୋଜ ଥିବା ମହିଳାଙ୍କ ମୃତଦେହ ଜବତ

**ଭାପୁର,୧୫।୭ (ଡି.ଏନ.ଏ.)**

ଫତେଗଡ ଥାନା ଅନ୍ତର୍ଗତ କରବର ପଞ୍ଚାୟତ ଅଧୀନ ବଡବର ଗାଁର ଜଣେ ମହିଳା ମହାନଦୀକୁ ଗାଧୋଇବାକୁ ଯାଇ ଗୁରୁବାର ନିଖୋଜ ହୋଇ ଯାଇଥିଲେ। ସେ ହେଲେ ବଡବର ଗାଁର ଅଦ୍ୱୈତ ସ୍ୱାଇଁଙ୍କ ସ୍ତ୍ରୀ ମନ୍ଦୋଦରି (୫୯)। ମଧ୍ୟାହ୍ନ ୧୨ଟାରେ ଘର ନିକଟରେ ଥିବା ମହାନଦୀକୁ ଗାଧେଇବା ପାଇଁ ଯାଇଥିଲେ। ଘରକୁ ଫେରିବା ଡେରି ହେବାରୁ ତାଙ୍କର ୨ ପୁଅ ଅରୁଣ ଓ ବରୁଣ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଭାପୁର ଅଗ୍ନିଶମ ବିଭାଗ କର୍ମଚାରୀ, ଓଡ୍ରାଫ ଟିମ୍ ଓ ଗ୍ରାମବାସୀଙ୍କ ସହାୟତାରେ କରବରଠାରୁ ବୈଦ୍ୟେଶ୍ୱର ପର୍ଯ୍ୟନ୍ତ ଅନେକ ଖୋଜାଖୋଜି କରିଥିଲେ। ସନ୍ଧ୍ୟା ହେବାରୁ ଫେରି ଆସିଥିଲେ। ଶୁକ୍ରବାର ମାନ୍ଦୋଦରୀଙ୍କର ବୋତଲମା ଗ୍ରାମ ନିକଟସ୍ଥ ମହାନଦୀ କୂଳରୁ କଳାପଥର ଦମକଳ ବାହିନୀ ଉଦ୍ଧାର କରିଥିଲା। ବାଙ୍କୀ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏଥିସହ ବାଙ୍କୀ ପୋଲିସଠାରୁ ଖବରପାଇ ଫତେଗଡ ପୋଲିସ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲା। ପରିବାର ଲୋକେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ରାତି ହୋଇ ଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇ ପାରି ନ ଥିବା ପରିବାର ସୂତ୍ରରୁ ଜଣାପଡିଛି।

# ୧୦ ଦଫା ଦାବି ନେଇ କୃଷକ ସାଥୀଙ୍କ ଆନ୍ଦୋଳନ



ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ କୃଷକ ସାଥୀ।

**ନୂଆଗାଁ, ୧୫।୭ (ଡି.ଏନ.ଏ.)**
ନୟାଗଡ ଜିଲା ନୂଆଗାଁ ବ୍ଲକ କୃଷକ ସାଥୀମାନେ ୧୦ଦଫା ଦାବି ନେଇ ଶୁକ୍ରବାର କୃଷି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ୨୦୦୬ରୁ ଶିକ୍ଷାଗତ ଯୋଗ୍ୟତାକୁ ନେଇ କୃଷକ ସାଥୀ ଭାବେ ନିଯୁକ୍ତ ଦିଆଯାଇଥିଲେ ମଧ ସେମାନଙ୍କୁ ସରକାର ବିଭିନ୍ନ କ୍ଷେତ୍ରରେ ଅଣଦେଖା କରୁଛନ୍ତି। ତେଣୁ ସେମାନଙ୍କ ଅଗ୍ରଣୀ କୃଷକ ସାଥୀ ପରିବର୍ତ୍ତେ କୃଷି କର୍ମଚାରୀ ଭାବେ ମାନ୍ୟତା ଦିଆଯାଉ। କୃଷି ଭିତ୍ତିକ କାର୍ଯ୍ୟରେ ଏନ୍‌ଜିଓଗୁଡିକୁ ବାଦ୍ ଦେଇ କୃଷକ ସାଥୀମାନଙ୍କୁ ନିୟୋଜିତ କରାଯାଉ। ପ୍ରତି କୃଷକ ସାଥୀଙ୍କୁ ଡ୍ରେସ୍ କୋଡ ଓ ପରିଚୟପତ୍ର ପ୍ରଦାନ କରାଯାଉ, ଧାନ ସଂଗ୍ରହ ପାଇଁ ପରିଚୟପତ୍ର ଓ କ୍ଷେତ୍ର ପରିଦର୍ଶନର ଯାଞ୍ଚ ପ୍ରକ୍ରିୟାରେ ନିୟୋଜିତ କରାଯାଉ। କୃଷକ ସାଥୀମାନଙ୍କୁ କୁଶଳୀ ଶ୍ରମିକ ଭାବେ ସର୍ବନିମ୍ନ ମଜୁରୀ ପ୍ରଦାନ ଏପରି ଅନେକ ଦାବି ନେଇ ସରକାରଙ୍କ ପାଖରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ କୌଣସି ଦାବି ପୂରଣ କରାଯାଉନାହିଁ। ଫଳରେ ୧୫ ତାରିଖଠାରୁ ପ୍ରତି ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ଚଳିତ ମାସ ୧୮ ତାରିଖଠାରୁ ବିଧାନସଭା ସମ୍ମୁଖରେ ଧାରଣା ଦେବାକୁ ଓଡ଼ିଶା କୃଷକ ସାଥୀ ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ନୂଆଗାଁ ବ୍ଲକ କୃଷକ ସାଥୀ ସଂଘର ସଭାପତି ଆଲୋକ ରଞ୍ଜନ, ସମ୍ପାଦକ ରମେଶ ଚନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ଟୁକୁନା ପଣ୍ଡାଙ୍କ ସମେତ ଅନ୍ୟମାନେ ଧାରଣାରେ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଯୁବକ ମୃତ

**ଆସିକା,୧୫।୭,(ଡି.ଏନ.ଏ)**
ଗାଙ୍ଗପୁର ଥାନା ଅନ୍ତର୍ଗତ ପାଲକଷଣ୍ଡି ଗ୍ରାମରେ ଶୁକ୍ରବାର ବିଷଧର ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ବଳରାମ ଜେନା (୩୦)। ବଳରାମ ନିଜ ଘର ବାରିପଟ ସଫା କରୁଥିଲା ବେଳେ ସାପ କାମୁଡ଼ିଥିଲା। ପରିବାର ପକ୍ଷରୁ ତାଙ୍କୁ ଚିକିତ୍ସା ଲାଗି ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଗାଙ୍ଗପୁର ଥାନାରେ ନଂ. ୧୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଭଞ୍ଜନଗର ସରକାରୀ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

## ୧୧୬ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଭାପୁର,୧୫।୭ (ଡି.ଏନ.ଏ.)**


ବ୍ରାଉନସୁଗାର ବ୍ୟବସାୟୀ ଗଦାଧର ଦଳେଇ।

ନୟାଗଡ ଜିଲା ଫତେଗଡ ଥାନା ଅଧୀନ ପଥରଚକଡା ଗାଁରୁ ବ୍ରାଉନସୁଗାର ଜବତ ସହ ଜଣେ ବ୍ୟକ୍ତିଙ୍କୁ ନୟାଗଡ଼ ଅବକାରୀ ବିଭାଗ ଗିରଫ କରିଛି। କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ପଥରଚକଡା ଗାଁରେ ଚଢ଼ାଉ କରି ୧୧୬ ଗ୍ରାମ ବ୍ରାଉନସୁଗାର, ଗୋଟିଏ ବାଇକ୍ ସହ ୧ଲକ୍ଷ ୫ ହଜାର ଟଙ୍କା ଜବତ କରିଛି। ବ୍ରାଉନସୁଗାର ବ୍ୟବସାୟୀ ପଥରଚକଡା ଗାଁର ଗଦାଧର ଦଳେଇଙ୍କୁ ଗିରଫ କରିଛି। ଏ ନେଇ ନଂ. ୧୯/୨୨ରେ ମାମଲା ରୁଜୁ ହୋଇଛି। ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଦୁଇଦିନ ତଳେ ନୟାଗଡ ଗୁଇନ୍ଦା ଟିମ୍ ଖବର ପାଇଁ ଫତେଗଡଠାରେ ଚଢ଼ାଉ କରି ୮୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଫତେଗଡ ଅଞ୍ଚଳର ମିନକେତନ ମହାନ୍ତି ଓ ପୀତବାସ ଜେନା ଦୁଇଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଖୋର୍ଦ୍ଧା, ଜଟଣୀ ଅଞ୍ଚଳରୁ ବ୍ରାଉନସୁଗାର ବେପାରୀମାନେ ଆସି ଫତେଗଡ ଥାନା ଅଞ୍ଚଳର ଯୁବକମାନଙ୍କୁ ଏହି ବେପାରରେ ସାମିଲ କରୁଥିବା କୁହାଯାଉଛି।

# ରଣପୁର ବ୍ଲକରେ ସେବା ଉତ୍ସବ


ରଣପୁରରେ ଅନୁଷ୍ଠିତ ସେବା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

**ନୟାଗଡ଼ ଅଫିସ/ରଣପୁର, ୧୫।୭ (ସ୍ୱ.ପ୍ର.)**

ନୟାଗଡ଼ ସେବା ଉତ୍ସବ ସମିତି ଆନୁକୂଲ୍ୟରେ ହେଉଥିବା ଜିଲାବ୍ୟାପୀ ସେବା ଉତ୍ସବ ୨୦୨୨ର ୧୪ତମ ଦିବସ ଗୁରୁବାର ରଣପୁର ବ୍ଲକର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକର ବିଭିନ୍ନ ସ୍ଥାନରେ ଗରିବ ଓ ଅସହାୟ ଲୋକଙ୍କୁ ବସ୍ତ୍ର, ଶୁଖିଲା ଖାଦ୍ୟ ଓ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସେବା ଉତ୍ସବ ସମିତି ଅଧକ୍ଷ ଶିବରାମ ମହାପାତ୍ର, ସାମାଜିକ କର୍ମୀ ଦାମୋଦର ସାହୁ, ଅମିତ କୁମାର, ପରମେଶ୍ୱର ସାହୁ, ଗୁଲ୍‌ସନ କୁମାର ଦାସ, ମଳୟ ରଞ୍ଜନ ସାହୁ, ସଞ୍ଜୟ କୁମାର ପରିଡ଼ା, ବିଶ୍ୱରଞ୍ଜନ ସାହୁ, ସମ୍ବିତ୍ କୁମାର ସାହୁ, ସୋମ୍ୟା ସ୍ୱୟଂପ୍ରଭା, ରାଜଲକ୍ଷ୍ମୀ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ଏହି ଉତ୍ସବ ମାଧ୍ୟମରେ ନୟାଗଡ଼ ଜିଲାରେ ସେବା ଓ ଦାନର ଏକ ନିଆରା ପରମ୍ପରା ସୃଷ୍ଟିକରି ଏକ ସୁସ୍ଥ ସମାଜ ଗଠନ ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦିଆଯାଉଥିବା ଅତିଥିମାନେ ମତ ରଖିଥିଲେ। ଅନ୍ୟପକ୍ଷେ ସନ୍ଧ୍ୟାରେ ରଣପୁର ସହରସ୍ଥିତ ଶହୀଦ ରଘୁଦିବାକର ସ୍ମୃତି ମଣ୍ଡପଠାରେ ସେବା ଉତ୍ସବ ପକ୍ଷରୁ ଏକ ସାର୍ବଜନୀନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସେବା ସମିତି ଅଧକ୍ଷ ମହାପାତ୍ରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ରଣପୁର ବ୍ଲକ ଅଧକ୍ଷା ନିର୍ମଳା ବେହେରା ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଆର୍ତ୍ତତ୍ରାଣ ପ୍ରଧାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଅଭିଷେକ ସାମନ୍ତରାୟ ଓ ପ୍ରସନ୍ନ ସାହୁ ପ୍ରମୁଖ ଏହି ସଭାରେ ମଞ୍ଚାସୀନ ଥିଲେ। ସେବା ଓ ଦାନର ପରମ୍ପରାକୁ ଉତ୍ସବର ରୂପ ଦେଇ ୧୫ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଜିଲାସ୍ତରୀୟ ଉତ୍ସବ ଏକ ନିଆରା ପରିକଳ୍ପନା ବୋଲି ଉପସ୍ଥିତ ଅତିଥିମାନେ ମତ ରଖିଥିଲେ।

# ଯୁବତୀଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

**ରାଇକିଆ ୧୫।୭(ଡି.ଏନ.ଏ.)**

ରାଇକିଆ ଥାନା ଦଡିଙ୍ଗିଆ ପଞ୍ଚାୟତର ଆମ୍ବେଦକର ନଗର ନିକଟରୁ ଜଣେ ଯୁବତୀଙ୍କ ମୃତଦେହ ଶୁକ୍ରବାର ସକାଳୁ ରାଇକିଆ ପୋଲିସ ଜବତ କରିଛି। ସେ ହେଲେ ଅଞ୍ଜୁତା ପ୍ରଧାନ । ବୁଧିଆପାଙ୍ଗା ଗ୍ରାମରେ ସେ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ଗୁରୁବାର ସକାଳୁ ଫୁଲବାଣୀ ଯିବା ପାଇଁ କହି ଘରୁ ବାହାରିଥିଲେ। ଅପରାହ୍ନରେ ଘରକୁ ଫୋନ୍ କରି ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇଯିବ ବୋଲି କହିଥିଲେ। ସନ୍ଧ୍ୟା ୭ଟା ବେଳକୁ ତାଙ୍କ ନମ୍ବର ବନ୍ଦ ଥିବା ସମ୍ପର୍କୀୟ ବାପା ରାମ ପ୍ରଧାନ କହିଛନ୍ତି। ସନ୍ଧ୍ୟା ସୁଦ୍ଧା ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଶୁକ୍ରବାର ସକାଳୁ ଆମ୍ବେଦକର ନଗର ନିକଟ ଏକ ବୁଦାମୂଳରେ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ଏ ନେଇ ମୃତା ଯୁବତୀଙ୍କ ବାପା କିଶୋର ପ୍ରଧାନଙ୍କ ଅଭିଯୋଗ କ୍ରମେ ନଂ. ୭୩/୨୨ରେ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଛି । କନ୍ଧମାଳ ଏସ୍‌ପି ଭିନିତ୍ ଅଗ୍ରୱାଲ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରି ଫେରିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିକୁ ଦୃଷ୍ଟିଦେଲେ ଏହା ଏକ ହତ୍ୟାକାଣ୍ଡ ହୋଇଥାଇପାରେ। ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଶାନ୍ତନୁ ପ୍ରଧାନ କହିଛନ୍ତି।

## ଜଙ୍ଗଲରୁ ବୃଦ୍ଧଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

**ଶେରଗଡ଼, ୧୫।୭(ଡି.ଏନ୍.ଏ.)**
ଶେରଗଡ଼ ପୋଲିସ ଶୁକ୍ରବାର ସ୍ଥାନୀୟ ଅନନ୍ତନଗର ନିକଟସ୍ଥ ଜଙ୍ଗଲରୁ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ସେ ହେଲେ ବନ୍ଧାଗୁଡ଼ାର ତ୍ରିନାଥ ପାତ୍ର (୬୩)। ମୃତକଙ୍କ ଭାଇଙ୍କ ଏତଲାକ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ଘଟଣାର ତଦନ୍ତ ଚଳାଇଛି। କିଛିଦିନ ହେବ ତ୍ରିନାଥ ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଆସୁଥିଲେ। ଏ ନେଇ ତାଙ୍କୁ ବୁଝାଶୁଝା କରାଯାଇଥିଲେ ହେଁ ସେ ଅଭ୍ୟାସ ଛାଡ଼ି ନ ଥିଲେ। ଫଳରେ ଦୁର୍ବୃତ୍ତମାନେ ତାଙ୍କୁ ପିଟି ହତ୍ୟା କରିବା ପରେ ଜଙ୍ଗଲରେ ଫିଙ୍ଗି ଦେଇଥିବା ପୋଲିସ ସନ୍ଦେହ କରୁଛି।

# ଭାଜପା ପକ୍ଷରୁ ବିକ୍ଷୋଭ

**ଆସିକା,୧୫।୭(ଡି.ଏନ.ଏ)**

ରାଷ୍ଟ୍ରପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ଉପରେ କଂଗ୍ରେସ ନେତାଙ୍କ କଟୁ ମନ୍ତବ୍ୟର ପ୍ରତିବାଦରେ ଶୁକ୍ରବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏତଦ ଅବସରରେ ଜଣେ ଓଡ଼ିଆ, ମହିଳା, ଆଦିବାସୀ ଓ ଦଳିତ ପ୍ରାର୍ଥୀଙ୍କ ପ୍ରତି କଂଗ୍ରେସ ଦଳର ହୀନ ଚିନ୍ତାଧାରାର ତୀବ୍ର ସମାଲୋଚନା କରାଯାଇଥିଲା। ଆସିକା ବିଧାନସଭା ନିର୍ବାଚନ ମଣ୍ଡଳି ଭାଜପା ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନାରାୟଣ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଦୁର୍ଗାଚରଣ ପଟ୍ଟନାୟକ, ଗିରିଜା ଦାସ, ରାଘବ ସିୟ, ସରୋଜ ଭ, ରଞ୍ଜନ ପଣ୍ଡା, ରେଣୁବାଳା ରେଡ୍ଡୀ, ଟୁନା ବିଷୋୟୀ, ପ୍ରଶାନ୍ତ ଚର୍ଛିଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ ।


ବିକ୍ଷୋଭରେ ପ୍ରଦର୍ଶନ କରାଯାଉଛି ।

# ଗୁମ୍ମାଠାରେ ଆର୍‌ଏମ୍‌ସି ବିଲ୍‌ଡିଂ ଶୁଭାରମ୍ଭ

**ପାରଳାଖେମୁଣ୍ଡି,୧୫।୭(ଡି.ଏନ୍.ଏ.)**

## ଚାଷୀଙ୍କୁ ସାହା ହେଲା ଜିଲା ପ୍ରଶାସନ

ଉପାନ୍ତ ଅଞ୍ଚଳର ଚାଷୀଙ୍କ ପାଇଁ ସାହା ହେଲା ଜିଲା ପ୍ରଶାସନ। ସରକାରଙ୍କ ଦ୍ୱାରା ଚାଷ ଓ ଚାଷୀଙ୍କ ଉନ୍ନତି ଲାଗି ରାଜ୍ୟ ସରକାର ଏକାଧିକ ଯୋଜନା ପ୍ରସ୍ତୁତ କରିଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚକରି ଭିତ୍ତିଭୂମି ଯୋଗାଇ ଦେଇଛନ୍ତି। ହେଲେ ନିର୍ମାଣ କାର୍ଯ୍ୟ ସରିବା ପରେ ଏହି ନିୟନ୍ତ୍ରିତ ବଜାର କମିଟି ଆର୍‌ଏମ୍‌ସି ବିଲ୍‌ଡିଂ ବନ୍ଦ ରହିଥିଲା। ସମ୍ପ୍ରତି କିଛି ବର୍ଷ ହେଲା ସମସ୍ୟା ନେଇ ଗତି କରୁଥିଲେ ଚାଷୀ। ହେଲେ ଚାଷୀଙ୍କ ସମସ୍ୟା ସମାଧାନର ବାଟ ଦେଖାଇଛି ଜିଲା ଓ ବ୍ଲକ ପ୍ରଶାସନ। ଚାଷୀମାନଙ୍କ ଉଦ୍ଦେଶ୍ୟରେ ନିର୍ମିତ ବିଲ୍‌ଡିଂ ବନ୍ଦ ଥିବା ନେଇ ଚାଷୀମାନେ ଠକାମିର ଶିକାର ହେଉଥିବା ସହ ଚାଷୀଙ୍କ ଅମଳ ପନିପରିବା ନଷ୍ଟ ହେଉଥିବା ଦେଖିବାକୁ ମିଳିଥିଲା। ପରେ ଜିଲା ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଗଲା। ଏହାପରେ ଚାଷୀଙ୍କ ଦୁଃଖ ଦୂର କରିବାକୁ ଗୁରୁବାର ଗୁମ୍ମାରେ ସାପ୍ତାହିକ ହାଟ ହେଉଥିବା ବେଳେ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏହି ନିୟନ୍ତ୍ରିତ ବଜାର କମିଟିଠାରେ ଚାଷୀଙ୍କ ଫସଲ ସହଜରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ନିୟନ୍ତ୍ରିତ ବଜାର କମିଟି ପାରଳାଖେମୁଣ୍ଡି ସମ୍ପାଦକ ଏଲ୍. ରଘୁବାବୁ, ଜଗଦୀଶ ପଣ୍ଡା ଓ ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାସ, ଦିଲୀପ କୁମାର ଡିଙ୍ଗାଲଙ୍କ ମିଳିତ ଆନୁକୂଲ୍ୟରେ ଏଠାରେ ଚାଷୀଙ୍କଠାରୁ ପନିପରିବା, ସପୁରି ଓ ଲେମ୍ବୁ ଉପଯୁକ୍ତ ଦରରେ ବିକ୍ରି କରାଯାଇଛି। ଏହି ନିୟନ୍ତ୍ରିତ ବଜାର କମିଟିଠାରେ ପ୍ରତିଦିନ ଚାଷୀଙ୍କ ଅମଳ ପନିପରିବା କିଣାଯିବା ସହ ଚାଷୀଙ୍କ ଅମଳ ଫସଲ ଗୋଦାମଗୃହରେ ରଖିବା ବ୍ୟବସ୍ଥା କରାଯାଇଛି। ସମୟ ଅନୁସାରେ ଅଞ୍ଚଳର ସମସ୍ତ ଫସଲ ବିକ୍ରି କରାଯିବ। ପ୍ରଥମ ଦିନରେ ୩ ଟନ୍ ସପୁରି ଓ ୨ଶହ କିଲୋ ଲେମ୍ବୁ ସହରାଞ୍ଚଳ ବେପାରୀମାନେ କିଣିଥିବା ଜଣାପଡ଼ିଛି। ଏହି ନିୟନ୍ତ୍ରିତ ବଜାର କମିଟି ମାଧ୍ୟମରେ ସହରାଞ୍ଚଳର ବଡ଼ ବଡ଼ ବେପାରୀମାନେ ଅଞ୍ଚଳର ଉତ୍ପାଦିତ ଫସଲ ଆମ୍ବ, ତେନ୍ତୁଳି, ଲେମ୍ବୁ, ସପୁରି, ପଣସ, କାଜୁ ଓ ମହୁଲକୁ ଉପଯୁକ୍ତ ସରକାରୀ ଦରରେ କିଣିବେ, ଯାହାଦ୍ୱାରା ଗୁମ୍ମା ବ୍ଲକର ସେରଙ୍ଗ, ଅଜୟଗଡ଼, ଡୁମୁଲ, ଭୁବନି, କଳାକଟ, ତରଭା ଓ ଗୁମ୍ମା ପଞ୍ଚାୟତର ଅନେକ ଚାଷୀ ଉପକୃତ ହେବେ। ଫଳରେ ଚାଷୀମାନେ ଲାଭବାନ୍ ହେବା ସହ ଠକାମିର ଶିକାରରୁ ବଞ୍ଚିତ ହେବେ। ଏ ନେଇ ଚାଷୀଙ୍କୁ ସଚେତନ କରିବା ସହ ହାଟ ଓ ପ୍ରତ୍ୟେକ ଗ୍ରାମାଞ୍ଚଳରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଇଛି। ବର୍ତ୍ତମାନ ଆଦିବାସୀଙ୍କ ବନ୍ୟଜାତ ଫସଲ ମାଣ୍ଡିଆ, ଝାଡୁ, ବଣକନ୍ଦା, କନ୍ଦମୂଳ, ବୋଇତାଳୁ ଓ ପୁଷ୍ଟିକର ଶାଗ, ଜୈବିକ ପଦ୍ଧତିରେ ପ୍ରସ୍ତୁତ ପନିପରିବା ସରାଞ୍ଚଳରେ ବିକ୍ରି ହେବ ବୋଲି ଏଲ ରଘୁବାବୁ କହିଛନ୍ତି।

## ସଂକ୍ଷେପରେ

### ଗଜପତିରେ ବୋଲବମ ଭକ୍ତଙ୍କ ଜଳାଭିଷେକ ଆରମ୍ଭ

ପାରଳାଖେମୁଣ୍ଡି,୧୫।୭(ଡି.ଏନ୍.ଏ.) ପାରଳାଖେମୁଣ୍ଡି ସମେତ ଜିଲାର ମୋହନା, ଆର. ଉଦୟଗିରି, ନୂଆଗଡ଼, ରାୟଗଡ଼, ଗୋଷାଣୀ, କାଶୀନଗର ଓ ଗୁମ୍ମା ଆଦି ବ୍ଲକରେ ଶହଶହ ସଂଖ୍ୟାରେ ବୋଲବମ ଭକ୍ତଙ୍କ ବ୍ରତ ଆରମ୍ଭ ହୋଇଯାଇଛି। ବୋଲବମ ଭକ୍ତମାନେ ନୂତନ କାଉଡିକୁ ସୁସଜ୍ଜିତ କରି ନିକଟସ୍ଥ ଜଳାଶୟ ଓ ନଦୀରୁ ଜଳ ସଂଗ୍ରହ କରି ବିଭିନ୍ନ ଶିବାଳୟରେ ଜଳାଭିଷେକ କରିଛନ୍ତି। ପାରଳାଖେମୁଣ୍ଡି ସହରର ଶ୍ରୀ ବାଲୁଙ୍କେଶ୍ୱର ବୋଲବମ ସଂଘର ସଭାପତି ସୁଜିତ ପ୍ରଧାନ କହିଛନ୍ତି ଗତ ୨୩ ବର୍ଷ ଧରି ଆମେ ଶ୍ରାବଣ ମାସ ସାରା ଅତ୍ୟନ୍ତ ନିଷ୍ଠାର ସହ ଏହି ବ୍ରତ ପାଳନ କରି ଆସିଅଛୁ। ବୁଧବାର ବୋଲବମ ବ୍ରତର ସଂକଳ୍ପ ହେବାପରେ ଗୁରୁବାରଠାରୁ ସକାଳୁ ମହେନ୍ଦ୍ରତନୟା ନଦୀରୁ ଜଳ ସଂଗ୍ରହ କରି ଶ୍ରୀବାଲୁଙ୍କେଶ୍ୱର ମନ୍ଦିରରେ ପହଞ୍ଚି ଜଳାଭିଷେକ କରିଛନ୍ତି। ଶ୍ରାବଣ ମାସ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ବାଲୁଙ୍କେଶ୍ୱର ମହାଦେବଙ୍କ ସମେତ ଅନ୍ୟାନ୍ୟ ଶିବାଳୟରେ ମଧ ଜଳାଭିଷେକ କରାଯିବ। ଶ୍ରାବଣ ମାସ ଶେଷରେ ରାଖୀ ପୂର୍ଣ୍ଣିମାରେ ଏହି ବ୍ରତ ଉଦ୍‌ଯାପିତ କରାଯିବ।

### ଭାଜପାର ବିକ୍ଷୋଭ ପ୍ରଦର୍ଶନ

ବାଲିଗୁଡା, ୧୫।୭:(ଡି.ଏନ.ଏ.)- ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ଉପରେ କଂଗ୍ରେସ ନେତାଙ୍କ ମନ୍ତବ୍ୟ ଆଦିବାସୀ ସମାଜକୁ ଆଘାତ ଦେଇଛି । ଏହାରି ପ୍ରତିବାଦରେ ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ ଆଚାର୍ଯ୍ୟଙ୍କ ଆହ୍ୱାନ କ୍ରମେ ଶୁକ୍ରବାର ବାଲିଗୁଡାଠାରେ ଜିଲା ଯୁବମୋର୍ଚ୍ଚା ସଭାପତି ଗୋଲକ ବିହାରୀ କହଁରଙ୍କ ନେତୃତ୍ୱରେ ଏକ ପ୍ରତିବାଦ କାର୍ଯ୍ୟକ୍ରମ କରାଯାଇଥିଲା। ଜିଲା ସଭାପତି ଜଗନ୍ନାଥ ସାହୁ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ତଥା କନ୍ଧମାଳ ଜଲା ଯୁବମୋର୍ଚ୍ଚା ପ୍ରଭାରୀ ନାରାୟଣ କର୍ମୀ ଯୋଗଦେଇଥିଲେ। ଭାଜପା ନେତା ତଥା ପ୍ରଭାରୀ ପଦ୍ମ ଚରଣ ଦାସ, ଜିଲା ଭାଜପା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ରାଜ୍ୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅଭୟ କୁମାର ପାତ୍ର, ଜିଲା ଯୁବ ମୋର୍ଚ୍ଚା ଉପ ସଭାପତି କୁସୁମ ପ୍ରଧାନ, ମିଡିଆ ସେଲ ସଂଯୋଜକ ଜଗନ୍ନାଥ ସାହୁ ( ଟିକୁ ), ବାଲିଗୁଡା ଯୁବମୋର୍ଚ୍ଚା ସଭାପତି ସୁଭାଶିଷ ମିଶ୍ର ଉପସ୍ଥିତ ଥିଲେ।

### ଉଦ୍ୟମିତା ବିକାଶ ପକ୍ଷ ପାଳିତ

ଫୁଲବାଣୀ ଅଫିସ, ୧୫।୭- ଫୁଲବାଣୀ ବ୍ଲକ ଓଡିଶା ଜୀବିକା ମିଶନ ପକ୍ଷରୁ ଗୁଗୁଡା ପଞ୍ଚାୟତସ୍ତରୀୟ ସଂଘ ସଭାଗୃହରେ ଶୁକ୍ରବାର ଉଦ୍ୟମିତା ବିକାଶ ପକ୍ଷ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଡିଓ ସାନ୍ତନୁ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଓଏଲଏମ୍ ଜିଲା ପ୍ରକଳ୍ପ ପରିଚାଳକ ସନ୍ତୋଷ କୁମାର ରଥ, ସମ୍ମାନିତ ଅତିଥି ଭାବେ ଗୁଗୁଡା ସରପଞ୍ଚ ଆଲୋକ କୁମାର କହଁର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଏକକ ସାଧନ କେନ୍ଦ୍ର ଫୁଲବାଣୀର ପରିଚାଳନା କମିଟି ସଦସ୍ୟା, ବିଭିନ୍ନ ପଞ୍ଚାୟତରୁ ଉଦ୍ୟମି ବିକାଶ ଅର୍ଥ ରାଶି ପାଇଥିବା ବ୍ୟବସାୟୀ ଓ ଉଦ୍ୟୋଗୀ ସାଥି ଯୋଗ ଦେଇଥିଲେ। ଉଦ୍ୟୋଗୀମାନଙ୍କୁ ଦ୍ରବ୍ୟ ଓ ସେବାର ପଞ୍ଜୀକରଣ, ବ୍ୟବସାୟର ବୀମା କରିବା, ବ୍ୟବସାୟିକ ଯୋଜନା ପ୍ରସ୍ତୁତ, ବ୍ୟାଙ୍କ ସହ ସମ୍ପର୍କ ସ୍ଥାପନ, ବିଭିନ୍ନ ସରକାରୀ ଯୋଜନା ସହ ନିଜକୁ ସାମିଲ କରିବା, କୁଶଳ ଉଦ୍ୟୋଗୀ ମାନେ କିପରି ନିଜ ବ୍ୟବସାୟକୁ ବଢ଼ାଇ ପାରିବେ ସେହିସବୁ ବିଷୟ ଉପରେ ଆଲୋଚନା ହୋଇଥିଲା । ଓଡିଶା ଜୀବିକା ମିଶନ ଦ୍ୱାରା ଚିହ୍ନଟ ହୋଇଥିବା ୫୩ ଉଦ୍ୟୋଗୀଙ୍କୁ ବ୍ୟବସାୟ ବୃଦ୍ଧି କରିବା ନିମନ୍ତେ ମୋଟ ୨୬ ଲକ୍ଷ ୯୦ ହଜାର ଟଙ୍କା ଋଣ ହିସାବରେ ଦିଆଯାଇଥିବା ସୂଚନା ମିଳିଛି।

# ମୁଖ୍ୟ ଅଭିଯୁକ୍ତଙ୍କୁ ଧରୁନି ପୋଲିସ

## ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ହତ୍ୟା ଘଟଣା

ଫୁଲବାଣୀ ଅଫିସ, ୧୫।୭

ବାଲିଗୁଡାର ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ଘଟଣାକୁ ଅଢ଼େଇ ବର୍ଷ ବିତିଲାଣି । ଏହି ଘଟଣାରେ ପୋଲିସ ପୂର୍ବରୁ ୫ ଜଣଙ୍କୁ ଗିରଫ କରିଥିଲେ ମଧ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ତତ୍ପରତା ଦେଖାଉ ନାହିଁ । ଫଳରେ ସମ୍ପୃକ୍ତ ମୁଖ୍ୟ କାର୍ପଟଦାର ଏବେ ବି ଖୁଲମ ଖୁଲା ବୁଲୁଛନ୍ତି। ପୋଲିସ କାହିଁକି ତାଙ୍କୁ ଗିରଫ କରୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ମୁଖ୍ୟ ଅଭିଯୁକ୍ତ ଜଣେ ଗ୍ୟାଙ୍ଗଷ୍ଟର । ସୁପାରି ନେଇ ଅନ୍ୟ ମାନଙ୍କ ହାତରେ ହତ୍ୟା କରିବା ତାଙ୍କ କାମ ବୋଲି ଜାଣିବାକୁ ମିଳିଛି । ଜିଲା ବାହାରେ ସେ ଯେଉଁଠି ରହୁଛନ୍ତି ସେଠିକାର ପୋଲିସ ତାହା ଜାଣୁଛି । ବାଲିଗୁଡା ପୋଲିସକୁ ସହାୟତା ମିଳୁ ନ ଥିବାରୁ ସଫଳତା ମିଳୁନାହିଁ । ଜିଲା ବାହାରର ସେହି ଥାନା ପୋଲିସ କାହିଁକି ହତ୍ୟା ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଛି ତାହା ତଦନ୍ତ ସାପେକ୍ଷ୍ୟ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

୨୦୧୯ ଡିସେମ୍ବର ୧୦ ତାରିଖରେ ୨ ଯୁବକ ଏକ ବାଇକରେ ଆସି ଅଭିମନ୍ୟୁଙ୍କୁ ତାଙ୍କ ଘରୁ ଡାକିଥିଲେ । ସେମାନଙ୍କ ମଧ୍ୟରେ କିଛି ସମୟ କଥାବାର୍ତ୍ତା ଅଭିଯୁକ୍ତଦ୍ୱୟ ତାଙ୍କୁ କିଛି କାଗଜପତ୍ର ମାଗିଥିଲେ । ଏହାପରେ ଜଣେ ଯୁବକ ଅଭିମନ୍ୟୁଙ୍କୁ ଗୁଳି କରି ସେଠାରେ ବାଇକରେ ବସିଥିବା ଯୁବକଙ୍କ ସହ ଫେରାର ହୋଇ ଯାଇଥିଲେ । ଗୁରୁତର ଅବସ୍ଥାରେ ଅଭିମନ୍ୟୁଙ୍କୁ ସ୍ଥାନୀୟ ଲୋକେ ମେଡିକାଲ ନେଇଥିଲେମଧ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ଥାନାରେ ୧୮୮/୧୯ରେ ମାମଲା ରୁଜୁ ହୋଇଥିଲା। ପରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ ଓ ବିକ୍ଷୋଭ କରିବା ପରେ ପୋଲିସ ତତ୍ପରତା ଦେଖାଇଥିଲା । ଉକ୍ତ ହତ୍ୟା ଘଟଣାରେ ପୋଲିସ ୫ ଜଣ ଅର୍ଥାତ୍ ମାଷ୍ଟରମାଇଣ୍ଡ ବାଲିଗୁଡା ଥାନା ସୁନାପାଙ୍ଗାର କେ.ବିଶ୍ୱଜିତ ପାତ୍ର, ସହଯୋଗୀ ଗଞ୍ଜାମ ଜିଲା ଧରାକୋଟ ଥାନା ମୁଣ୍ଡାମରାଇର ବାଲାଜି ଆଚାର୍ଯ୍ୟ, ବଡଗଡ ଥାନା ବନ୍ଧଗୁଡାର ରାସ ବିହାରି ଦାସ ଓ ଦୁଇ ସୁପାରି କିଲର ରାମନାରାୟଣ ନାୟକ ଓରଫ ଗୋଲକ ଏବଂ କାହ୍ନୁ ଚରଣ ସାହୁଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ କାର୍ଯ୍ୟକାରୀ କରିବାକୁ ଜଣେ ଗ୍ୟାଙ୍ଗଷ୍ଟର ସୁପାରି କିଲର ନିୟୋଜିତ କରିଥିଲେ । ସେ ୧ଲକ୍ଷ ଟଙ୍କା ମାଷ୍ଟରମାଇଣ୍ଡ କେ. ବିଶ୍ୱଜିତ ପାତ୍ରଙ୍କ ଠାରୁ ନେଇ ଘଟଣା ଘଟାଇବା ପାଇଁ ଦୁଇ କିଲରଙ୍କୁ ୩୦ ହଜାର ଟଙ୍କା ଦେଇଥିଲେ । ସେହି ମୁଖ୍ୟ ଖଳନାୟକ ଅବା ଗ୍ୟାଙ୍ଗଷ୍ଟର ନିଜର ଏକ ମୋଟରସାଇକେଲ ଦୁଇ ସୁପାରି କିଲର ଗୋଲକ ଏବଂ କାହ୍ନୁଙ୍କୁ ଦେଇ ବାଲିଗୁଡା ପଠାଇଥିଲେ। ବିଭିନ୍ନ ସିସି ଟିଭି ଫୁଟେଜ ଯାଞ୍ଚ କରି ପୋଲିସ ବାଇକରେ ଥିବା ଦୁଇ ସୁପାରୀ କିଲରଙ୍କୁ ଠାବ କରିଥିଲା। ଇତି ମଧରେ ଘଟଣାକୁ ଅଢ଼େଇ ବର୍ଷ ବିତି ଯାଇଛି । ମୁଖ୍ୟ ଅଭିଯୁକ୍ତଙ୍କ ରାଜନୈତିକ ହାତ ଥିବାରୁ ପୋଲିସ ତାଙ୍କୁ ଗିରଫ କରିବାରେ ସକ୍ଷମ ହେଉ ନ ଥିବା ଚର୍ଚ୍ଚା ହେଉଛି ।

# ନବନିର୍ବାଚିତ ଲାମ୍ପ୍ସ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା



ଉପସ୍ଥିତ ଲ୍ୟାମ୍ପ ସମବାୟ ସମିତିର ନବ ନିର୍ବାଚିତ ପ୍ରତିନିଧି।

ଜି.ଉଦୟଗିରି,୧୫।୭(ଡି.ଏନ.ଏ.)

ଜି.ଉଦୟଗିରି ଲାମ୍ପ ସମବାୟ ସମିତିର ନବନିର୍ବାଚିତସଭାପତି, ଉପସଭାନେତ୍ରୀ, ସଦସ୍ୟାସଦସ୍ୟମାନଙ୍କୁ କାର୍ଯ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଲାମ୍ପ ପରିଚାଳନା ନିର୍ଦ୍ଦେଶକ ଶିଶି କାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ନିମନ୍ତ୍ରିତ ଅତିଥି ଭାବେ ଡିଆରସିଏସ ପାଣୁ ଚରଣ ସାହୁ, ଏଆରସିଏସ ଗଙ୍ଗାଧର କହଁର, ଏସଆରସିଏସ ଜ୍ୟୋତିର୍ମୟୀ ପ୍ରଧାନ, ଭୀମସେନ ସାହୁ ଏମ୍‌ଡି, ଫୁଲବାଣୀ ଲାମ୍ପ ଯୋଗ ଦେଇଥିଲେ । ନବ ଗଠିତ ଲ୍ୟାମ୍ପ ସମବାୟ ସମିତି ପରିଚାଳନା ପରିଷଦର ସଭାପତି ଜମେଶ ପ୍ରଧାନ ଓ ଉପ ସଭାନେତ୍ରୀ ଯଶୋଦା ପ୍ରଧାନ ଓ ଡାଇରେକ୍ଟର କିଶୋର ଚନ୍ଦ୍ର ନାୟକ, ଦିଲୀପ କୁମାର ବଳ, ସଚ୍ଚିଦାନନ୍ଦ ପ୍ରଧାନ, ସାହେବ କହଁର, ବିବେକାନନ୍ଦ ପ୍ରଧାନ, ଦ୍ୱିଜେନ୍ଦ୍ରନାଥ ପ୍ରଧାନ, ମାୟାବନ୍ଧୁ ପ୍ରଧାନ, ବୀରେନ୍ଦ୍ର ପ୍ରଧାନ, ବଙ୍କି ମଲିକ, ଲିଲିମା ପ୍ରଧାନ, ରୁନୁମା ପ୍ରଧାନ, କିଶୋର ଚନ୍ଦ୍ର ପ୍ରଧାନ, ଯୋଶିତ କୁମାର ପ୍ରଧାନ, ବାକିରାମ ନାୟକ ସମସ୍ତଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସ୍ୱାଗତ ସମାରୋହରେ ସଭାପତିଙ୍କ ସହିତ ସଭ୍ୟମାନେ ସ୍ଥାନୀୟ କୃଷୀ ଓ କୃଷକ ମାନଙ୍କ ବିକାଶ ସହିତ ସମବାୟର ବିକାଶ ନିମନ୍ତେ ସଦାସର୍ବଦା କାର୍ଯ୍ୟ କରିବା ପାଇଁ ଶପଥ ନେଇଥିଲେ। ଲାମ୍ପ କାର୍ଯ୍ୟାଳୟର ଏମଡି ଶିଶିର କାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆକାଉଣ୍ଟାଣ୍ଟ ପୀତାମ୍ବର ସାହୁ, ଡିଇଓ ରିଙ୍କୁ କୁମାର ପ୍ରଧାନ, ଏଲଏ ଧର୍ମରାଜ ପ୍ରଧାନ ଓ ଅକ୍ଷୟ କୁମାର ପାଳ ସହଯୋଗ କରିଥିଲେ ।

# ଜିଲା ଟପ୍ପରଙ୍କ ସହ ସ୍କୁଲ ଟପ୍ପର ସମ୍ବର୍ଦ୍ଧିତ


ଏନଏସି ଅଧ୍ୟକ୍ଷାଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

ଜି.ଉଦୟଗିରି,୧୫।୭(ଡି.ଏନ.ଏ.)

କନ୍ଧମାଳ ଜିଲା ମାଟ୍ରିକ ଟପ୍ପର ତନୁଶ୍ରୀ ଆଚାର୍ଯ୍ୟଙ୍କ ସମେତ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସମସ୍ତ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ପରୀକ୍ଷାରେ ପ୍ରଥମସ୍ଥାନ ବା ସ୍କୁଲ ଟପର ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପରିଷଦ କାର୍ଯ୍ୟାଳୟରେ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ପରିଷଦ ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ର ସମସ୍ତ ଉପସ୍ଥିତ ଅତିଥି, କୃତୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ସହ ୧୦ମ ଶ୍ରେଣୀ ସ୍କୁଲ ଟପ୍ପର ମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ସହ ସିଲ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଜିଲା ଟପ୍ପର ତଥା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ତନୁଶ୍ରୀ ଆଚାର୍ଯ୍ୟ, ହବାକ ଉଚ୍ଚ ବିଦ୍ୟାଳୟର ଶେଖ ଅସୀମ ଆକ୍ତର ଅଲ୍ଲୀ, ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଜ୍ଞାନ ପ୍ରଭା ସାହୁ, ବନଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅପରାଜିତା ନାୟକ, ମିଲମାନ ମେମୋରିଆଲ ଉଚ୍ଚ ବିଦ୍ୟାଳୟର ସାଧନା ନାୟକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରାଚୀ ପ୍ରିୟଦର୍ଶିନୀ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢ଼ି ଭଲ ମଣିଷ ହେବା ସହ ସମାଜରେ ପ୍ରତିଷ୍ଠିତ ହେବାପାଇଁ ଉପଦେଶ ଦେଇଥିଲେ । ନିଜ ନିଜ ସ୍କୁଲରେ ଟପ୍ପର ହୋଇ ସମସ୍ତ ପିତା ମାତା, ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟ ଓ ଜି.ଉଦୟଗିରିର ନାଁ ରଖିଥିବାରୁ ଖୁସି ବ୍ୟକ୍ତ କରିବା ସହ ସମସ୍ତଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବାପାଇଁ ଆଶୀର୍ବାଦ ପ୍ରଦାନ କରିଥିଲେ ।

# ସୁନ୍ଦର ଭବିଷ୍ୟତ ପାଇଁ ଏବେଠୁ ନିଷ୍ପତ୍ତି ନିଅ

ଫୁଲବାଣୀ ଅଫିସ, ୧୫।୭

ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ସମ୍ମିଳନୀ କକ୍ଷରେ ବିଶ୍ୱ ଯୁବ ଦକ୍ଷତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ନିଜର ତଥା ନିଜ ପରିବାରର ଆର୍ଥିକ ଅବସ୍ଥାରେ ସୁଧାର ଆଣିବାକୁ ହେଲେ ପ୍ରଥମେ ନିଜ ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ। ଦ୍ୱିତୀୟରେ ଦକ୍ଷତା ବୃଦ୍ଧି ପାଇଁ ତାଲିମ ପାଇବା ପରେ ଚାକିରି କିମ୍ବା କାର୍ଯ୍ୟ ପ୍ରତି ନିଜର ଉତ୍ସର୍ଗୀକୃତ ମନୋଭାବ ରହିବା ଜରୁରୀ। ସେ ସମୟ ଟିକେ କଷ୍ଟ ଲାଗିପାରେ, ମାତ୍ର ଭବିଷ୍ୟତରେ ନିଜର ଏବଂ ପରିବାରର, ଜିଲାର ତଥା ଦେଶର ନାଁ ରଖିବା ସମ୍ଭାବନା ଅଧିକ ହୋଇଥାଏ । ତେଣୁ ଏମିତି ଏକ ନିଷ୍ପତି ନିଅ, ଯାହା ତୁମମାନଙ୍କୁ ଏକ ସୁନ୍ଦର ଭବିଷ୍ୟତ ଦେଇପାରିବ ବୋଲି କହିଥିଲେ ।



ଜିଲାପାଳ ବିଭିନ୍ନ ପ୍ରୋଜେକ୍ଟ ବୁଲି ଦେଖୁଛନ୍ତି ।

ସେହିପରି ବେକାରି ସମସ୍ୟାକୁ ଦୂର କରିବା ପାଇଁ ସରକାର ଯୁବତୀ ଯୁବକମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଗୁରୁତ୍ୱ ଦେଉଛନ୍ତି। ଏହାର ସୁଯୋଗ ନେବାକୁ ଉପସ୍ଥିତ ପ୍ରଶିକ୍ଷାର୍ଥୀ ମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ବିଜ୍ଞାନ ଭାରତୀ ଚାରିଟେବଲ୍ ଟ୍ରଷ୍ଟର ନିର୍ଦ୍ଦେଶକ ଅନିଲ ପାଣିଗ୍ରାହୀ ମଧ ନିଯୁକ୍ତି ପାଇବା ପରେ ଧର୍ଯ୍ୟର ସହ କାମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲା ନିୟୋଜନ ଅଧିକାରୀ ଭୃଙ୍ଗରାଜ ମହାନ୍ତି ଯୁବ ସାମର୍ଥ୍ୟକୁ ଅଚଳ ସମୁଦ୍ର ସହ ତୁଳନା କରିଥିଲେ। ସେମାନେ କୁଶଳୀ ହୋଇପାରିଲେ ସାରା ଜୀବନ ସେମାନଙ୍କର ତଥା ପରିବାରର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଳା ପ୍ରଧାନ, ପ୍ରୋଗ୍ରାମ ଅଧିକାରୀ ଏସ୍. ଗାୟତ୍ରୀ, ଆକ୍ସନ-ଏଡ୍ ର ଜିଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ରଖିଥିଲେ । ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସେଠୀ ପ୍ରାରମ୍ଭିକ ଭାଷଣ ଦେଇଥିବା ବେଳେ ତାଲିମ ଅଧିକାରୀ ସୋମନାଥ ତରିଆ ଧନ୍ୟବାଦ ଦେଇଥିଲେ । ପ୍ରାରମ୍ଭରେ ଜିଲାପାଳ ଦକ୍ଷତା ବୃଦ୍ଧି କେନ୍ଦ୍ରରେ ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ ତାଲିମକୁ ଉଦ୍‌ଘାଟନ କରିବା ସହିତ ତାଲିମ କେନ୍ଦ୍ର ପରିଦର୍ଶନ କରିଥିଲେ ।

# ରାସ୍ତା କାମ ସରିନି, ଭାଙ୍ଗିଲାଣି ପ୍ରୋଟେକ୍ସନ ୱାଲ


ଭାଙ୍ଗିଯାଇଥିବା ପ୍ରୋଟେକ୍ସନ ୱାଲ ।

କୋଟଗଡ଼,୧୫।୭(ଡି.ଏନ୍.ଏ.)

କୋଟଗଡ଼ ବ୍ଲକରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣାଧୀନ ରାସ୍ତା ନିମ୍ନମାନର ହୋଇଥିବା ଦେଖିବାକୁ ମିଳିଛି। କାମ ଗୋଟେ ଆଡୁ ସରି ସରି ଯାଉଥିବାବେଳେ ଅନ୍ୟପଟେ ଭାଙ୍ଗି ଯାଉଥିବା ଦେଖିବାକୁ ମିଳିଛି। ସରକାର ଲୋକଙ୍କ ଲାଗି ଶିକ୍ଷା, ପାଣି, ଗମନାଗମନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଠିକା ସଂସ୍ଥା କିନ୍ତୁ ତାକୁ ଠିକ ସେ ନ କରି ନିମ୍ନମାନର କରିଥିବା ସାମନାକୁ ଆସୁଛି। କୋଟଗଡ଼ଠାରୁ ସୁବର୍ଣ୍ଣଗିରି ଶ୍ରୀରାମପୁରକୁ ସଂଯୋଗ କରିଥିବା ରାସ୍ତା ପୂର୍ତ୍ତ ବିଭାଗଙ୍କ ଦାୟୀତ୍ୱରେ ରହିଛି। ବର୍ତ୍ତମାନ ସେହି ରାସ୍ତା କାମ ଏକ ଠିକ ସଂସ୍ଥା କରୁଛି। ଯାହା କୋଟଗଡ଼ ଠୁ ୧୦ କିଲୋମିଟର ଦୂରତା ପୂଜା ଘାଟିଠାରୁ ଶ୍ରୀରାମପୁର ରାସ୍ତାରେ ୧୪ କିଲୋମିଟର କାମ ଯାହାର ଅଟକଳ ମୂଲ୍ୟ ୩୨ କୋଟି ଟଙ୍କା ରହିଛି। ରାସ୍ତା କାମ ପାଖାପାଖି ସରି ଆସିଲାଣି କିନ୍ତୁ କାମ ନିମ୍ନମାନର ହୋଇଥିବା ଅଞ୍ଚଳବାସୀ ଅଭିଯାଗ କରିଛନ୍ତି। ରାସ୍ତାର କେଉଁଠି ଗାଡ଼ ଉଆଲ ଭାଙ୍ଗି ଯାଇଛି ତ ଆଉ କେଉଁଠି ରାସ୍ତା ଫାଟି ଯାଇଛି। ଯେଉଁଠି ପୋଲ କିମ୍ବା କଲଭର୍ଟ ନିର୍ମାଣ ହୋଇଛି ସେହିଠାରେ ରାସ୍ତା ଦବି ପିଚୁ ଫାଟି ଯାଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଉପରେ କୋଟଗଡ଼ର ୮ ପଞ୍ଚାୟତର ଅଧିବାସୀ ନିର୍ଭରଶୀଳ। ତେବେ ଏହିଭଳି ରାସ୍ତା ନିର୍ମାଣକୁ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଠିକ ସଂସ୍ଥା ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ମଧୁଚନ୍ଦ୍ରିକା କାମ ଚାଲିଥିବା ପରି ଲାଗୁଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ରାମ କୃଷ୍ଣ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଠିକା ସଂସ୍ଥାକୁ କହିଛୁ ସେ ତାକୁ ପୁଣି ଥରେ ତିଆରି କରିବେ ।

# ହୃଦ୍‌ଘାତରେ କାଉନସିଲରଙ୍କ ମୃତ୍ୟୁ

ଜି.ଉଦୟଗିରି,୧୫।୭(ଡି.ଏନ.ଏ.)

କନ୍ଧମାଳ ଜିଲାର ବରିଷ୍ଠ ବିଜେଡ ନେତା ତଥା ଜି.ଉଦୟଗିରି ଏନ୍‌ଏସି ୬ ନମ୍ବର ୱାର୍ଡର କାଉନସିଲର ଲେକ୍ଟର ବୁଲିୟାନ(୫୭)ଙ୍କ ଗୁରୁବାର ବିଳମ୍ବିତ ରାତିରେ ହୃଦଘାତରେ ମୃତ୍ୟୁ ଘଟିଛି। ସେ ଜି.ଉଦୟଗିରିସ୍ଥିତ ନିଜ ବାସ ଭବନରେ ଥିବା ବେଳେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ବହୁ ଲୋକ ତାଙ୍କ ଶେଷ ଦର୍ଶନ କରିବା ପରେ ମର ଶରୀରକୁ ନିଜ ଗ୍ରାମ ରୁଦାଙ୍ଗୀଆକୁ ନିଆଯାଇଥିଲା। ସେଠାରେ ଏନଏସି ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ର, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକଙ୍କ ସମେତ କଳିଙ୍ଗ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେର, ଅଧ୍ୟାପିକା ଅଧ୍ୟାପକ, ଜି.ଉଦୟଗିରି ବାର ଏସୋସିଏସନର ସଦସ୍ୟ ମାନଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧମ ପ୍ରତିନିଧି ଶେଷଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ବୁଲିୟାନ ୧୯୯୩ରୁ ୧୯୯୮ ଯାଏ କଳିଙ୍ଗ ମହାବିଦ୍ୟାଳୟରେ ଅଧାପକ ଥିଲେ। ପରେ ଚାକିରିରୁ ଇସ୍ତଫା ଦେଇ ରାଜନୀତିରେ ମିଶିଥିଲେ। ସେ ଜନତା ଦଳ ଟିକେଟରେ ଫୁଲବାଣୀ ଏମପି ପାଇଁ ପ୍ରତିଦ୍ୱନ୍ଦିତା କରି ପରାଜିତ ହୋଇଥିଲେ। ଜି.ଉଦୟଗିରିରେ ଓକିଲାତି ମଧ କରୁଥିଲେ। ଗତ ପୌର ନିର୍ବାଚନରେ କାଉନସିଲର ନିର୍ବାଚିତ ହୋଇଥିଲେ। ତାଙ୍କ ସ୍ତ୍ରୀ କଳିଙ୍ଗ ମହାବିଦ୍ୟାଳୟରେ ଅଧାପିକା ଅଛନ୍ତି। ବୁଲିୟାନଙ୍କ ମୃତ୍ୟୁ ଖବର ପାଇ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି। କଳିଙ୍ଗ ମହାବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି।

# ଲଗାଣ ବର୍ଷାରେ ଭୁଶୁଡ଼ିଲା ବିଦ୍ୟାଳୟ ପାଚେରି


ଭୁଶୁଡ଼ିଥିବା ପାଚେରୀ।

ବୁଗୁଡ଼ା,୧୫।୭(ଡି.ଏନ.ଏ.)

ଗତ କିଛି ଦିନର ଲଗାଣ ବର୍ଷାରେ ସ୍ଥାନୀୟ ବାଳିକା ପ୍ରାଥମିକ ବିଦ୍ୟାଳୟର ପାଚେରି ଭୁଶୁଡ଼ି ପଡ଼ିଛି। ଗତ ବର୍ଷ ଲଗାଣ ବର୍ଷାରେ ବିଦ୍ୟାଳୟ ପାଚେରିର ଅର୍ଦ୍ଧାଂଶ ଭୁଶୁଡ଼ି ପଡିଯିବା ପରେ ତାହା ନିର୍ମାଣ ହୋଇଯାଇଥିବା ବେଳେ ଏବେ ପୁଣି ସେହି ପୁରୁଣା ପାଚେରି କିଛି ଅଂଶ ଭୁଶୁଡ଼ି ପଡ଼ିଛି। ଫଳରେ ପାଚେରିର ଭଗ୍ନାବଶେଷ ରାସ୍ତା ଉପରେ ପଡିରହିଥିବାରୁ ସେହିପଟ ଦେଇ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ସେହି ପୁରୁଣା ପାଚେରିର ଯେଉଁ ଅଂଶ ରହିଯାଇଛି ତାହା କେତେବେଳେ ଯେ କାହା ଉପରେ ଭୁଶୁଡ଼ି ପଡିବ ସେ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ଏନ୍‌ଏସି ପ୍ରଶାସନକୁ ଅବଗତ କରାଯାଇଥିଲେ ହେଁ ପାଚେରି ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗର ହୋଇଥିବାରୁ କେବଳ ରାସ୍ତା ଅବରୋଧ କରୁଥିବା ଭଗ୍ନାବଶେଷକୁ ଏନ୍‌ଏସି ପକ୍ଷରୁ ଉଠାଯାଇପାରିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମୀ ରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଏଣୁ ଲୋକଙ୍କ ହିତ ଦୃଷ୍ଟିରୁ ଏ ନେଇ ଶୀଘ୍ର ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ମାଙ୍କଡ ଗୁରୁତର

ଧରାକୋଟ,୧୫।୭(ଡି.ଏନ୍.ଏ.)

ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସାମନାରେ ଥିବା ବିଦୁତ ଖୁଣ୍ଟରେ ବସିଥିବା ବେଳେ ଏକ ମାଙ୍କଡ ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲା। ଫଳରେ ସ୍ପାର୍କିଂ ହେବାରୁ ସ୍ଥାନୀୟ ଲୋକେ ଏହାକୁ ଦେଖି ତୁରନ୍ତ ବିଦ୍ୟୁତ୍ ଓ ବନ ବିଭାଗକୁ ଖବର ଦେଇଥିଲେ। ତୁରନ୍ତ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯିବା ପରେ ଏକ ଲମ୍ବା ସିଡି ପକାଇ ମାଙ୍କଡକୁ ଉଦ୍ଧାର କରାଯାଇଥିଲା। ଏହା ପରେ ତାକୁ ଚିକିତ୍ସା କରି ଛାଡ଼ି ଦିଆଯାଇଥିଲା।

# ଛାଡୁନି ଲଘୁଚାପ ବର୍ଷା, ହୋଇପାରୁନି ଚାଷ


ଚାଷଜମି।

ବଲସକୁମ୍ପା,୧୫।୭

ରଜ ଗଲା, ରଥଯାତ୍ରା ଓ ବାହୁଡ଼ା ମଧ ଗଲା। ଆଜି ପର୍ଯ୍ୟନ୍ତ ଚାଷୀଙ୍କୁ ବିହନ ପକାଇବାକୁ ମିଳୁନାହିଁ ପାଗ। ଫଳରେ ଚାଷୀମାନେ ଚିନ୍ତାରେ ରହିଛନ୍ତି। କନ୍ଧମାଳ ଜିଲାରେ ୮୦ ପ୍ରତିଶତ ଲୋକ ଚାଷ ଓ ମୂଳ ମଜୁରିକୁ ନିର୍ଭର କରି ଗୁଜରାଣ ମେଣ୍ଟାଇବା ସହିତ ପରିବାର ପ୍ରତିପୋଷଣ କରି ଚଳିଥାନ୍ତି। ଚଳିତ ବର୍ଷ ରଜଠାରୁ ଆଜିପର୍ଯ୍ୟନ୍ତ ଚାଷ କରିବାକୁ ସୁଯୋଗ ପାଉଛନ୍ତି ନା ମୂଲମଜୁରି କରିବାକୁ ସୁଯୋଗ ପାଉଛନ୍ତି। ଲଘୁଚାପ ଏମିତି ଦାଉ ସାଧିଛି ଯେ କାହାକୁ କ'ଣ କହିବେ ଶୁଣିବ କିଏ। ଭାଗ୍ୟ ବିଡ଼ମ୍ବନା ଖାଲି ସେତିକି ନୁହେଁ, ବାଡ଼ିରେ ଅନ୍ୟ କୌଣସି ପନିପରିବା ଚାଷ କରିବାକୁ ମିଳୁନାହିଁ ପାଗ। ଚାଷୀ ଧାନଚାଷ ପୂର୍ବରୁ ଜମିକୁ ଉର୍ବର କରି ରଖିବା ପାଇଁ କ୍ଷେତରେ ହଳଧରି ସଜାଡ଼ି ଥାଏ। କିନ୍ତୁ କ୍ଷେତରେ ଆଣ୍ଠୁଏ ଉଚ୍ଚର ଘାସ ହୋଇ ପଡ଼ିଆ ପଡ଼ିଛି। ୧୪ ତାରିଖଠାରୁ ଆରମ୍ଭ ହେଲା ଶ୍ରାବଣ ମାସ। ସମସ୍ତେ ଜାଣନ୍ତି ଶ୍ରାବଣ ଝଡ଼ିବର୍ଷା ଏହି ମାସରେ ବିଲ ଲଗେଇବା କାମ ଚାଲିବା କଥା। କିନ୍ତୁ ଲଗାଣ ବର୍ଷା ଯୋଗୁ କିଛି କାମ ହୋଇନାହିଁ। ଚାଷୀ ତଳି ପକାଇବ କେବେ କ୍ଷେତରେ ରୋଇବ କେବେ ତାହାକୁ ନେଇ ପ୍ରଶ୍ନ ସୃଷ୍ଟି ହେଉଛି। ପାଣିପାଗ ବିଭାଗର ସୂଚନା ପ୍ରକାରେ ଆଉ ତିନି ଦିନ ଧରି ଜିଲାରେ ବର୍ଷା ହେବ। ତା'ପରେ ବର୍ଷା ଛାଡ଼ିବାର ସମ୍ଭାବନା ରହିଛି। ତେଣୁ ବିଳମ୍ବ ହେଲେ ମଧ ଚାଷୀ ମନ ଦୁର୍ବଳ ନ କରି ଚାଷ କରିବା ପାଇଁ ଆଶା ବାନ୍ଧିଛି।